৬ ବାଂଲାଦେଶକୁ ୫୦ ରନ୍‌ରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୧୪୬ ● ୨୩ ଜୁନ୍ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-146 ● 23rd June 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24

# ଗଜବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ, ୨୨।୬**
**ନ୍ୟୁଜ୍ ବ୍ୟୁରୋ**



ଶ୍ରୀମନ୍ଦିର ସ୍ନାନବେଦୀରେ ଶନିବାର ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ସ୍ନାନଯାତ୍ରା। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନବେଦୀରୁ ସ୍ନାନବେଦୀକୁ ଆସି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ସୁନା କୂଅର ୧୦୮ ଗରା ସୁବାସିତ ଜଳରେ ସ୍ନାନ ସାରିବା ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ଭକ୍ତମାନେ ହାତୀବେଶରେ ଦର୍ଶନ କରିଛନ୍ତି। ଶୁଭ୍ର ରଙ୍ଗର ଗଜବେଶରେ ମହାପ୍ରଭୁ ଓ ହଳଦିଆ ରଙ୍ଗର ଗଜବେଶରେ ବଡ଼ଠାକୁର ଦର୍ଶନ ଦେଇଛନ୍ତି । ମହାପ୍ରଭୁଙ୍କ ଏହି ଅପୂର୍ବ ବେଶ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଛନ୍ତି। ସକାଳୁ ପ୍ରବଳ ଖରା ଓ ଗୁଲୁଗୁଲି, ଆଉ ଏହାପରେ ଅପରାହ୍ନରେ ପ୍ରବଳ ବର୍ଷାରେ ଭିଜିବା ସତ୍ତ୍ୱେ□ ଭକ୍ତମାନେ ଏହି ବେଶ ଦର୍ଶନ କରି ବହୁତ ଖୁସି ଅନୁଭବ କରିଛନ୍ତି।

ନୀତିକାନ୍ତି ଅନୁଯାୟୀ, ମଙ୍ଗଳାର୍ପଣ ପରେ ଡୋରଲାଗି ଓ ପୁଷ୍ପାଞ୍ଜଳି ସହ ଭୋରରୁ ଶ୍ରୀଜୀଉଙ୍କ ଧାଡ଼ି ପହଣ୍ଡି ଆରମ୍ଭ କରାଯାଇଥିଲା। ପହଣ୍ଡି ଶେଷପରେ ସ୍ନାନ ନୀତି ଆରମ୍ଭ ହୋଇଥିଲା । ଏହା ପରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ, ବେଶ ଶେଷ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ଜଳବିଜେ, ପୂଜା ଓ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରୁ ବାହାରି ସ୍ନାନବେଦୀରେ ସୁନା କୂଅର ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିଛନ୍ତି ଶ୍ରୀଜୀଉ। ଶ୍ରୀବଳଭଦ୍ର ୩୩ ଗଡ୍ଡୁ, ସୁଭଦ୍ରା ୨୨ ଗଡ୍ଡୁ, ଶ୍ରୀଜଗନ୍ନାଥ ୩୫ ଗଡ୍ଡୁ ଏବଂ ସୁଦର୍ଶନ ୧୮ ଗଡ୍ଡୁ ଜଳରେ ସ୍ନାନ କରିଛନ୍ତି।

ଏହାପରେ ଅପରାହ୍ନ ୩ଟାରେ ଛେରାପହଁରା ନୀତି ସମ୍ପନ୍ନ ହୋଇଥିଲା। ୩ଟା ୪୦ରୁ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୭ଟା ୩୦ରୁ ରାତି ୧୦ଟା ୩୦ ଯାଏଁ ସାହାଣ ମେଲା ଦର୍ଶନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ରାତି ସାଢ଼େ ୧୦ଟାରେ ସାହାଣମେଲା ଦର୍ଶନ ବନ୍ଦ ପରେ ରାତି ୧୧ଟାରେ ବେଶଲାଗି, ସାଢେ ୧୧ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ଗୋଟି ପହଣ୍ଡିରେ ଚତୁର୍ଦ୍ଧାବିଗ୍ରହ ଅଣସର ପିଣ୍ଡିକୁ ବିଜେ କରିଥିଲେ। ବାହୁଡ଼ା ପହଣ୍ଡି ରାତି ୨ଟା ଭିତରେ ଶେଷ ହେବା ପରେ ରାତି ସାଢ଼େ ୨ଟାରେ ସୁନା ଚିତା ଓ ରାହୁରେଖା ମଇଲମ ନୀତି ସଂପନ୍ନ ହୋଇଥିଲା।

ଦେବସ୍ନାନ ପୂର୍ଣ୍ଣିମା ଲାଗି ଚଳଚଞ୍ଚଳ ହୋଇପଡ଼ି ଥିଲା ଶ୍ରୀକ୍ଷେତ୍ର। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ସ୍ନାନଯାତ୍ରା ପାଇଁ ପୋଲିସ, ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ମାର୍କେଟ ଛକରୁ ବାରିକେଡ୍ ଦେଇ ଶ୍ରୀ ମନ୍ଦିରରେ ପ୍ରବେଶ କରିଥିଲେ। ପହଣ୍ଡି ଟିକେଟ କରି ଦର୍ଶନ ଲାଗି ଦକ୍ଷିଣ *(ପୃଷ୍ଠା ୭ରେ)*

# କେନ୍ଦ୍ର ବଜେଟ୍ ପାଇଁ ପ୍ରସ୍ତାବ ଦାଖଲ କଲେ ଓଡ଼ିଶା ସରକାର



**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୬**
**ନ୍ୟୁଜ୍ ବ୍ୟୁରୋ**

ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରାକ୍-ବଜେଟ ପରାମର୍ଶ ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ନିମନ୍ତେ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ପରାମର୍ଶ ନେବାକୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ଉପମୁଖ୍ୟମନ୍ତ୍ରୀଙ୍କ ସହ ଏହି ବୈଠକରେ ଯୋଗ ଦେଇଥିଲେ।

ଓଡ଼ିଶା ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ ଏକ ଲିଖିତ ସ୍ମାରକପତ୍ର କେନ୍ଦ୍ର ବଜେଟ୍ ୨୦୨୪-୨୫ରେ ଉପଯୁକ୍ତ ପଦକ୍ଷେପ ନିମନ୍ତେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଦାଖଲ କରାଯାଇଥିଲା।

ସେଥି ମଧ୍ୟରେ ଓଡ଼ିଶାରେ ଅନ୍ତର୍ଜାତୀୟ ନିବେଶ, ସେମିକଣ୍ଡକ୍ଟର ଶିଳ୍ପକୁ ଆକର୍ଷିତ କରିବା ସହ ଓଡ଼ିଶାକୁ ଏକ ନିବେଶ କେନ୍ଦ୍ର ଭାବରେ ଉପଯୁକ୍ତ ପ୍ରୋତ୍ସାହନ ଏବଂ ପାରାଦୀପ ବନ୍ଦରର ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତା ଅନ୍ତର୍ଭୁକ୍ତ। ସେହିପରି ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା *(ପୃଷ୍ଠା ୭ରେ)*

## ପଞ୍ଜାବ : ୨୪ ଘଣ୍ଟାରେ ଧରାହେଲା ୩ ପାକିସ୍ତାନ ଡ୍ରୋନ



**ନୂଆଦିଲ୍ଲୀ : ୨୨।୬**

ପଞ୍ଜାବର ତରନ ତାରନ ଜିଲ୍ଲାର ଭାରତ-ପାକିସ୍ତାନ ସୀମା ନିକଟରେ ଥିବା ଏକ ଫାର୍ମରୁ ଚୀନ ନିର୍ମିତ ଡ୍ରୋନ ଉଦ୍ଧାର କରାଯାଇଛି । ବିଏସଏଫର ଜଣେ ମୁଖପାତ୍ର ଶନିବାର ଏହି ସୂଚନା ଦେଇଛନ୍ତି। ସୀମା ସୁରକ୍ଷା ବଳ (ବିଏସଏଫ) ଏବଂ ପଞ୍ଜାବ ପୋଲିସ ଶୁକ୍ରବାର ସର୍ଚ୍ଚ ଅପରେସନ ସମୟରେ ନୁରାଲା ଗ୍ରାମ ନିକଟସ୍ଥ ଏକ କ୍ଷେତରୁ ଡ୍ରୋନଟିକୁ ଠାବ କରିଥିଲେ। ଏହା ଚୀନନିର୍ମିତ ଡିଜେଆଇ ମାଭିକ୍-୩ କ୍ଲାସିକ ଡ୍ରୋନ ବୋଲି ମୁଖପାତ୍ର କହିଛନ୍ତି।

ଏନେଇ ବିଏସଏଫ ପଞ୍ଜାବ ଫ୍ରଣ୍ଟିୟର ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦିଆଯାଇଛି। ଏଥିରେ ଲେଖାଅଛି ବିଏସଏଫଠାରୁ ମିଳିଥିବା ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ବିଏସଏଫ ଏବଂ ପଞ୍ଜାବ ପୋଲିସ ଦ୍ୱାରା କରାଯାଇଥିବା ସର୍ଚ୍ଚ ଅପରେସନରେ ପଞ୍ଜାବର ତରନ ତାରନ ଜିଲ୍ଲାର ମସ୍ତଗଡ଼ ଗାଁରୁ ଏକ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ବନ୍ୟା ନିୟନ୍ତ୍ରଣ ପାଇଁ ଆଗୁଆ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୬**
**ନ୍ୟୁଜ୍ ବ୍ୟୁରୋ**



ମୌସୁମୀ ବର୍ଷାକୁ ନଜରରେ ରଖି ବନ୍ୟା ନିୟନ୍ତ୍ରଣ ପାଇଁ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମାଝୀ ଶନିବାର ଜଳସମ୍ପଦ ବିଭାଗର କାର୍ଯ୍ୟକ୍ରମ ନେଇ ସମୀକ୍ଷା ବୈଠକ କରିଥିଲେ। ବୈଠକ ପରେ ବିଭାଗୀୟ ପ୍ରମୁଖ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ସୂଚନା ଦେଇ କହିଛନ୍ତି ବର୍ଷା ଋତୁ ପୂର୍ବରୁ ନଦୀ ବନ୍ଧ ଗୁଡ଼ିକୁ ଅଧିକ ସୁଦୃଢ଼ୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପୂର୍ବରୁ ଚିହ୍ନଟ ହୋଇଥିବା ଦୁର୍ବଳ ନଦୀ ବନ୍ଧ ଉପରେ ନଜର ରଖିବା ସହ ଘାଇ ସୃଷ୍ଟି ହୋଇଥିବା ସ୍ଥାନକୁ ମରାମତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ଓ ଜଳସମ୍ପଦ ବିଭାଗର ଯନ୍ତ୍ରୀ ଏ ଦିଗରେ ମିଳିତ ଭାବେ କାମ କରୁଛନ୍ତି । ବନ୍ୟା ଆସିବା ପୂର୍ବରୁ ସବୁ *(ପୃଷ୍ଠା ୭ରେ)*

# ନିଟ୍ ବିବାଦ: ଇସ୍ରୋ ଓ ଏମ୍ସର ପୂର୍ବତନ ମୁଖ୍ୟଙ୍କୁ ନେଇ ଗଠନ ହେଲା ୭ ଜଣିଆ କମିଟି

**ନୂଆଦିଲ୍ଲୀ, ୨୨।୬**



ନିଟ ପେପର ଲିକ ଘଟଣାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ଶନିବାର ଶିକ୍ଷା ମନ୍ତ୍ରଣାଳୟ ଗୋଟିଏ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛି । ସ୍ୱଚ୍ଛ, ନିରପେକ୍ଷ ଓ ସରଳ ଭାବେ ବିଭିନ୍ନ ଜାତୀୟ ସ୍ତରୀୟ ପରୀକ୍ଷା ପାଇଁ ମନ୍ତ୍ରଣାଳୟ ଏପରି ଏକ କମିଟି ଗଠନ କରିଛି । ଏହି କମିଟି ପରୀକ୍ଷା ପ୍ରକ୍ରିୟାରେ ଉନ୍ନତି ଆଣିବା, ଡାଟା ସୁରକ୍ଷା ପ୍ରୋଟୋକଲ ଓ ଏନଟିଏ ଢାଞ୍ଚାରେ ଉନ୍ନତି ଆଣିବା ଆଦି ଉପରେ କାର୍ଯ୍ୟ କରିବ। ଏନେଇ କେନ୍ଦ୍ରକୁ କମିଟି ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରସ୍ତାବ ଦିଆଯିବ।

କେନ୍ଦ୍ର ସରକାର ଖୁବଶୀଘ୍ର ଏପରି ଏକ କମିଟି ଗଠନ କରିବାକୁ ଯାଉଥିବା ଗୁରୁବାର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ଶନିବାର ଶିକ୍ଷା ମନ୍ତ୍ରଣାଳୟ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରିଛି । କମିଟି ପକ୍ଷରୁ ଆସନ୍ତା ୨ ମାସ ମଧ୍ୟରେ ପରୀକ୍ଷା ପ୍ରକ୍ରିୟାର ସଂସ୍କାର ନେଇ ଗୋଟିଏ ରିପୋର୍ଟ ଶିକ୍ଷା ମନ୍ତ୍ରଣାଳୟରେ ଦାଖଲ କରାଯିବ।

ଏହି ୭ ଜଣିଆ କମିଟିର ଅଧକ୍ଷତା ଇସ୍ରୋର ପୂର୍ବତନ ମୁଖ୍ୟ ଡ. କେ ରାଧାକ୍ରିଷ୍ଣନ କରିବେ। ସେ ଏବେ ଆଇଆଇଟି କାନପୁରର ବୋର୍ଡ ଅଫ ଗଭର୍ଣ୍ଣରସ ଭାବେ କାମ କରୁଛନ୍ତି।

ସେହିପରି କମିଟିରେ ଏମ୍ସର ପୂର୍ବତନ ମୁଖ୍ୟ ଡାକ୍ତର ରଣଦୀପ ଗୁଲେରିଆ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଜେ ରାଓ, ଆଇଆଇଟି ମାଡ୍ରାସର ସିଭିଲ ଇଞ୍ଜିନିୟର ବିଭାଗର ପୂର୍ବତନ ପ୍ରଫେସର *(ପୃଷ୍ଠା ୭ରେ)*

# ନିଟ୍-ପିଜି ପ୍ରବେଶିକା ପରୀକ୍ଷା ସ୍ଥଗିତ



**ନୂଆଦିଲ୍ଲୀ, ୨୨।୬**

ଜୁନ୍ ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିବା ନିଟ୍-ପିଜି ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।

ସମ୍ପ୍ରତି ଏନଟିଏର ବିଭିନ୍ନ ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ଅନିୟମିତତା ନେଇ ତଦନ୍ତ କରାଯାଉଥିବା କାରଣରୁ ଏହି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଖୁବ୍‌ଶୀଘ୍ର ଏହି ପରୀକ୍ଷା ପାଇଁ ସାନି ତାରିଖ ଘୋଷଣା ହେବ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଛାତ୍ରଛାତ୍ରୀଙ୍କ ପାଇଁ ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ ଦ୍ୱାରା ପରିଚାଳିତ ନିଟ୍-ପିଜି ପ୍ରବେଶିକା ପରୀକ୍ଷାର ପୁଙ୍ଖାନୁପୁଙ୍ଖ ଆକଳନ ବା ସମୀକ୍ଷା କରାଯିବ। ପରୀକ୍ଷାକୁ ନେଇ ଛାତ୍ରଛାତୀଙ୍କ ପାଇଁ ସୃଷ୍ଟି ହୋଇଥିବା ଅସୁବିଧାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ଦୁଃଖ ପ୍ରକାଶ କରିଛନ୍ତି। ପରୀକ୍ଷା ପ୍ରକ୍ରିୟାରେ ପବିତ୍ରତା ରକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

# ଆଗାମୀ ୩ରୁ ୪ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଓଡ଼ିଶାକୁ ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୨୨।୬**
**ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ପ୍ରାୟ ସବୁ ଜିଲ୍ଲାକୁ ଛୁଇଁଛି ମୌସୁମୀ। ଏବେର ସୂଚନା ଅନୁସାରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, କେଉଁଝର ଓ ବାଲେଶ୍ୱରର କିଛି ଅଞ୍ଚଳରେ ପହଞ୍ଚିନି ମୌସୁମୀ । ମୌସୁମୀ ପାଇଁ ଏବେ ପାଗ ଅନୁକୂଳ ରହିଛି । ଆଗାମୀ ୩ ରୁ ୪ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଓଡ଼ିଶାକୁ ଛୁଇଁବ ମୌସୁମୀ।

ଗତ ୨୪ ଘଣ୍ଟାରେ ବୌଦ୍ଧରେ ସର୍ବାଧିକ ୧୦.୮ ସେମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ରାଜ୍ୟର ୮ ସହରରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୫ ଦିନ ଯାଏଁ ଲାଗି ରହିବ ବର୍ଷା ଘଡଘଡି । ଆସନ୍ତା ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

ପାଣିପାଗ ବିଜ୍ଞାନ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ରବିବାର ଓ ସୋମବାର ରାଜ୍ୟରେ କମିବ ବର୍ଷା। ପୁଣି ୨୫ ରୁ ବଢିବ ବର୍ଷା । ୨୬ରେ ଗୋଟେ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି କଳାହାଣ୍ଡି , ରାୟଗଡ଼ା , ଗଜପତି କନ୍ଧମାଳ ଓ ଗଞ୍ଜାମର କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ *(ପୃଷ୍ଠା ୭ରେ)*

# ରାଜ୍ୟରେ ୩୯% ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର, ୨୨।୬**
**ନ୍ୟୁଜ୍ ବ୍ୟୁରୋ**

ଜୁନ୍ ୧ରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ଠାରୁ ୩୯ ପ୍ରତିଶତ କମ୍ ବର୍ଷା ହୋଇଛି। କେବଳ ୮ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୫ ଜିଲ୍ଲାରେ ସ୍ଥିତି ଅତି ଉତ୍କଟ ରହିଛି। ଏହି ୫ ଜିଲ୍ଲା ହେଲା ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ପୁରୀ। ସ୍ୱାଭାବିକ ଠାରୁ ପୁରୀରେ ସର୍ବାଧିକ ୭୧% କମ୍ ବର୍ଷା, ମୟୂରଭଞ୍ଜରେ ୬୮% , ବାଲେଶ୍ୱରରେ ୬୩%, ବଲାଙ୍ଗୀରରେ ୬୧%, କେନ୍ଦୁଝରରେ ୬୦% କମ୍ ବର୍ଷା ହୋଇଛି। ସେହିପରି ୧୭ ଜିଲ୍ଲାରେ ୨୦ରୁ ୫୯% ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ମାଲକାନଗିରି, ନବରଙ୍ଗପୁର, ନୂଆପଡା, କନ୍ଧମାଳ, ସମ୍ବଲପୁର, ଢେଙ୍କାନାଳ, କଟକ ଓ ଜଗତସିଂହପୁର ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

## ଏକାଳ ପଖାଳ



ମାନବଲୀଳାରେ କିଏ ସେ ପାରିବ
କଳାସାଆନ୍ତେଙ୍କୁ ଆମ
ଶହେ ଆଠ ଗରା ଗାଧୋଇ ହୋଇକି
ଜ୍ୱର ସହ ମଇଲମ
ଧନ୍ୟ ଶ୍ରୀକ୍ଷେତ୍ର ଧାମ
ଅଣସର ଘରେ ଦିଅଁ ଶୋଇଥିଲେ
ଝାଳ ବୁହେ ଗମ୍‌ଗମ୍।

# ଅଫିସରେ ୧୫ ମିନିଟ୍‌ରୁ ଅଧିକ ବିଳମ୍ବ ହେଲେ କଟାଯିବ ଅଧା ଦିନର ଦରମା



**ନୂଆଦିଲ୍ଲୀ, ୨୨।୬**

କେନ୍ଦ୍ର ସରକାରୀ କାର୍ଯ୍ୟାଳୟରେ ଆଉ ବିଳମ୍ବକୁ ସହ୍ୟ କରାଯିବ ନାହିଁ । ଯେଉଁମାନେ ବିଳମ୍ବରେ ଅଫିସରେ ପହଞ୍ଚିବେ ସେମାନଙ୍କ ପାଇଁ କେନ୍ଦ୍ର ସରକାର କଡ଼ା ଆଇନ ଆରମ୍ଭ କରିଛନ୍ତି । କର୍ମଚାରୀଙ୍କ ପାଇଁ କେନ୍ଦ୍ର ସରକାର ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି ଏବଂ ଠିକ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଫିସରେ ପହଞ୍ଚିବାରେ ୧୫ ମିନିଟରୁ ଅଧିକ ବିଳମ୍ବ ହେଲେ ଦରମା କାଟିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି।

ଯଦି ୧୫ ମିନିଟରୁ ଅଧିକ ବିଳମ୍ବ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ କେନ୍ଦ୍ର ସରକାରଙ୍କ କର୍ମଚାରୀ ଏବଂ ତାଲିମ ବିଭାଗ (ଡିଓପିଟି) କଡା ଚେତାବନୀ ଦେଇଛି । ଏହି ଅନୁଯାୟୀ, ସମଗ୍ର ଦେଶରେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ମାତ୍ର ୧୫ମିନିଟ ବିଳମ୍ବରେ ଆସିବାକୁ ଅନୁମତି ଦିଆଯାଇଛି।

କେନ୍ଦ୍ର କର୍ମଚାରୀଙ୍କ ଅଫିସ ସମୟ ପୂର୍ବାହ୍ନ ୯ ଟାରୁ ଅପରାହ୍ନ ସାଢ଼େ ୫ଟା ପର୍ଯ୍ୟନ୍ତ ରହିଥାଏ । ଏଭଳି ପରିସ୍ଥିତିରେ ସମସ୍ତ କର୍ମଚାରୀଙ୍କୁ ପୂର୍ବାହ୍ନ ୯ଟା ୧୫ ସୁଦ୍ଧା ଅଫିସରେ ପହଞ୍ଚିବାକୁ ଅନୁମତି ଦିଆଯାଇଛି। କିନ୍ତୁ ଯଦି ଜଣେ କର୍ମଚାରୀ ପୂର୍ବାହ୍ନ ୯ଟା ୧୫ *(ପୃଷ୍ଠା ୭ରେ)*

# ବାଂଲାଦେଶୀଙ୍କୁ ଇ-ମେଡିକାଲ ଭିସା ଦେବ ଭାରତ

**ନୂଆଦିଲ୍ଲୀ, ୨୨।୬**



ରାଜଧାନୀ ଦିଲ୍ଲୀରେ ଭାରତ ଏବଂ ବାଂଲାଦେଶର ପ୍ରତିନିଧୀଙ୍କ ମଧ୍ୟରେ ବୈଠକ ପରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଚିକିତ୍ସା ପାଇଁ ଭାରତ ଆସୁଥିବା ବାଂଲାଦେଶୀ ନାଗରିକଙ୍କ ପାଇଁ ଭାରତ ଏକ ଇ-ମେଡିକାଲ ଭିସା ସୁବିଧା ଆରମ୍ଭ କରିବ। ଦେଶର ଉତ୍ତର-ପଶ୍ଚିମ ଅଞ୍ଚଳର ଲୋକଙ୍କ ସେବା ସୁବିଧା ପାଇଁ ଭାରତ ବାଂଲାଦେଶର ରଙ୍ଗପୁରରେ ଏକ ନୂତନ କନସୁଲେଟ ମଧ୍ୟ ଖୋଲିବ। ଶନିବାର ହାଇଦ୍ରାବାଦ ହାଉସରେ ସାକ୍ଷାତ ପରେ ଦୁଇ ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରି ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି।

ଗତ ଏକ ବର୍ଷ ମଧ୍ୟରେ ଦୁଇ ନେତା ଅନେକ ଥର ସାକ୍ଷାତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ସେ କହିଛନ୍ତି ଏନଡିଏ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ଶେଖ ହସିନା ଭାରତର ପ୍ରଥମ ଅତିଥି । ପ୍ରଧାନମନ୍ତ୍ରୀ ମୋଦି ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ଆମେ ୧୦ ଥର ସାକ୍ଷାତ *(ପୃଷ୍ଠା ୭ରେ)*





# କୁଟାସିଂହାରେ ମା' ଅଭୟା କାଳୀ ପୂଜା ଆରମ୍ଭ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା) ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଗ୍ରାମରେ ଅବସ୍ଥିତ ମା' ଅଭୟା କାଳୀ ମନ୍ଦିର। ବଲାଙ୍ଗୀର ସହର ଠାରୁ ୪୦ କି.ମି.ଦୂରରେ କୁଟାସିଂହା ଗ୍ରାମ। କାହିଁ କେତେ ଆବହମାନ କାଳରୁ ଏହି ଗ୍ରାମରେ ପୂଜାପାଇ ଆସୁଛନ୍ତି,'ମା ଅଭୟା କାଳୀ'। ଗ୍ରାମର ବୟୋଜ୍ୟେଷ୍ଠ ମାନଙ୍କ ମୁଖରୁ ଶୁଣାଯାଏ ୧୯୩୬ ମସିହାରେ ମା' ଅଭୟା କାଳୀଙ୍କ ଆବିର୍ଭାବ ହୁଏ ଏବଂ ପୂଜା ପାଆନ୍ତି ଗାଁ ମଝିରେ ଥିବା ଅଭୟା ଦେବୀ ପୀଠରେ । ଏହି ପୂଜା ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ଦିନରୁ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଧୂମ୍‌ଧାମ୍‌ରେ ଅନୁଷ୍ଠିତ ହୁଏ। ପୂଜା ସାମଗ୍ରୀ:-(ପ୍ରଥମରୁ ଷଷ୍ଠ ଦିନ ପର୍ଯ୍ୟନ୍ତ) ଦେଶୀମଦ, ଘିଅସଳିତା, ଗୋରସ ଏବଂ ଧୂପକାଠି । ପୂଜକ ଗାଁ ଝାଙ୍କରଙ୍କ ସହିତ ଘଂଟଧାରୀ ଓ ଛତ୍ରଧାରୀ । ପୂଜାର ବିଧି:- ସନ୍ଧ୍ୟା ସମୟରେ ଗାଁ ର ଚାରିଦିଗରେ ଶୃଙ୍ଖଳା କାଠକୁ ଦୀପ ରଖିବା ପାଇଁ ଷ୍ଟାଣ୍ଡ କରାଯାଇ, ତା ଉପରେ କଂଚା ମାଟି ଦୀପରେ ଫୁଲି (ଦେଶୀମଦ) ଦେଇ ୭ ଦିନ ବ୍ୟାପୀ ଅଖଣ୍ଡ କରାଯାଏ । ଯେଉଁ ମଦକୁ ମଣିଷ ଖାଇ ମୃତ୍ୟୁ ମୁଖରେ ପଡ଼େ ସେହି ମଦକୁ ମା'ଙ୍କ ଠାରେ ଅର୍ପଣ କରାଯାଏ। ସତରେ ମା'ଙ୍କ ମହିମା କେତେ ଅପାର । ମୁଖ୍ୟ ପୂଜା:-(ସପ୍ତମ ଦିନ) ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନିଷ୍ଠାର ସହିତ ପ୍ରତ୍ୟେକ ପରିବାରରୁ ନଡିଆ, ଧୂପକାଠି, ଘିଅ, ସିନ୍ଦୂର ଓ ଫୁଲ ଦେବୀଙ୍କ ପୀଠକୁ ଯାଏ। ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା 'ମା ଅଭୟା'ଙ୍କ ଠାରେ ଭାଗବତର ସପ୍ତମ ସ୍କନ୍ଧ ପାଠ କରାଯାଏ। ମା'ଙ୍କ ଭୋଗ କେବଳ ନଡ଼ିଆ, ମୁଗରେ ତିଆରି ଖିରୀ ଓ ଧାନରେ ପ୍ରସ୍ତୁତ 'ଖଇ'(ଲିଆ) ଲାଗି କରାଯାଏ। ଏହି ଭୋଗ କେବଳ ବୟସ୍କା ବିଧବା ମହିଳାମାନେ ପ୍ରସ୍ତୁତ କରିଥାନ୍ତି। ଏହି ଆଠ ଦିନ ପର୍ଯ୍ୟନ୍ତ ଗାଁରେ ମାଛ ମାଂସ ଭକ୍ଷଣ କରାଯାଏ ନାହିଁ। ଏହି ସାତଦିନ ମଦୁଆ ମାନଙ୍କ ପାଇଁ ମଦ ସ୍ୱପ୍ନ ହୋଇଯାଏ । ଶେଷରେ ଜ୍ୟେଷ୍ଠ ପୂର୍ଣ୍ଣମା ଦିନ ସକାଳେ ପ୍ରତ୍ୟେକ ପରିବାରରୁ ଜଣେ ଜଣେ ପ୍ରସ୍ତୁତ ହୋଇଥିବା, ଖଇଲିଆ, ଅରୁଆଚାଉଳ, ଘିଅ ବଳିତା ଓ ପାଳବିଡାରେ ତିଆରି (ନିଆଁ ବେଂଟିଆ) ଧରି ଗ୍ରାମର ପଶ୍ଚିମ ଦିଗରେ ଥିବା ଅଶ୍ୱତଥ ବୃକ୍ଷ ମୂଳକୁ ଯାଇ ମା'ଙ୍କୁ ମେଲାଣି ଦିଅନ୍ତି।

ଏହି ଯାତ୍ରା ଗାଁ ର ଗୌନ୍ତିଆ ରାଜିନ ପାତ୍ରଙ୍କ ପୌରୋହିତ୍ୟରେ ଗାଁର ଝଙ୍କାର, ଦେହେରି ଶ୍ରିହରୀ ଭୁଏ, ପିତାମ୍ବର ନାଗ, ଗରୁଡ଼ ସା, ବାଳୀ ବାଗ, ଲେକୁ ସାହୁ, ଜଗବନ୍ଧୁ ସାହୁ ପୂଜା ଦାୟିତ୍ୱରେ ରହିଛନ୍ତି। ମୁଖ୍ୟ ପୂଜକ ଆର୍ତତ୍ରାଣ ପୁରୋହିତ ଓ ଶତ୍ରୁଘ୍ନ ପୁରୋହିତ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଯାତ୍ରାର ପରିଚାଳନା ପାଇଁ ସଭାପତି ଭାବେ ଗୋବର୍ଦ୍ଧନ ସାହୁ, ସମ୍ପାଦକ ଭାବେ ପ୍ରଦୀପ ପାତ୍ର ଦାୟିତ୍ୱରେ ଥିବାବେଳେ ଗ୍ରାମବାସୀ ବୃନ୍ଦ ସହଯୋଗ କରୁଛନ୍ତି।

## କେନ୍ଦୁପାଟି ଗ୍ରାମ ରାସ୍ତାର ଦୁର୍ଦ୍ଦଶା

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ଭବାନୀପାଟଣା ବ୍ଲକ କେନ୍ଦୁପାଟିର ଚପଟ ଖଣ୍ଡା ଗ୍ରାମର ହରିଜନ ପଡ଼ା, ଗହୀରପଡ଼ାର ବସ୍ତି ରାସ୍ତା ଦୀର୍ଘ ଦିନରୁ ମରାମତି ଅଭାବ, ପ୍ରଶାସନର ଅଣ ଦେଖାରେ ରାସ୍ତାର ଦୁର୍ଦ୍ଦଶା କହିଲେ ନ ସରେ। ଏହି ରାସ୍ତାରେ ସବୁ ଦିନ କାଦୁଅ, ମଇଳା ଆବର୍ଜନାରେ ଭର୍ତ୍ତି ହୋଇ ପାଣି ଜମା ହୋଇ କାଦୁଅ ଦୁର୍ଗନ୍ଧରେ ଫାଟିପଡୁଛି। ଗ୍ରାମବାସୀମାନେ ରାସ୍ତା ଅଣ ଓସାରିଆ ପୁଣି କାଦୁଅରେ ଯାତାୟାତ କରିବା ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତା ବର୍ତ୍ତମାନ ୪୫-୫୦ ଡିଗ୍ରୀ ଖରା ଦିନେ ଯଦି କାଦୁଅ ପାଣିରେ ଭର୍ତ୍ତି ହେଉଛି। ତେବେ ବର୍ଷା ଦିନରେ ଏହି ରାସ୍ତାର ପରିସ୍ଥିତି ଓ ଗ୍ରାମବାସୀଙ୍କ ସ୍ଥିତି କ'ଣ ହୋଇପାରେ ଚିନ୍ତାର ବିଷୟ। ଏହି ରାସ୍ତାର ଦୁର୍ଦ୍ଦଶାକୁ ସମାଧାନ କରିବା ପାଇଁ ଜିଲ୍ଲା ୱାର୍ଡମେମ୍ବରଠୁ ପ୍ରଶାସନ ପର୍ଯ୍ୟନ୍ତ ଜଣାଇ ଥିଲେ ମଧ୍ୟ ରାସ୍ତା ସୁଧାର ହୋଇପାରୁ ନାହିଁ। ଆଗାମୀ ଦିନରେ ବର୍ଷା ଋତୁ ହେବାର ଅଛି, ଛାତ୍ର ଛାତ୍ରୀ, ଛୋଟ ଛୋଟ ଶିଶୁ, ଗର୍ଭବତୀ, ପ୍ରସୂତି, ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ଇତ୍ୟାଦି ଲୋକମାନେ କରିବେ କ'ଣ। ଏହି ଚପଟ ଖଣ୍ଡା ରାସ୍ତା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

# କେନ୍ଦୁଝର ଜିଲ୍ଲାରେ ପରିବା ଓ ଫଳ ଦର ବୃଦ୍ଧି : ଖାଉଟି ଅସ୍ତବ୍ୟସ୍ତ

**କେନ୍ଦୁଝର, ନ୍ୟୁଜ୍**



ତେଜରାତି ଓ ପରିବା ସାଙ୍ଗକୁ ଫଳ ବଜାରରେ ମଧ୍ୟ ଦର ବୃଦ୍ଧି ଖାଉଟିମାନଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ସୂଚନାଯୋଗ୍ୟ ଯେ, ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ ଫଳ ଓ ପନିପରିବା ଦିନେରୁ ଦୁଇଦିନ ମଧ୍ୟ ସତେଜ ରହୁନାହିଁ। ଫଳ ପନିପରିବା ସଙ୍ଗେ ସଙ୍ଗେ ଆଣି ଶୀଘ୍ର ବିକ୍ରି ହେଲା ତ ଭଲ ନ ହେଲେ ବ୍ୟବସାୟୀ କ୍ଷତିର ସମ୍ମୁଖୀନ ହେଉଛନ୍ତି, ଯାହାକି ଦରବୃଦ୍ଧି ଅନ୍ୟଏକ କାରଣ ବୋଲି ବ୍ୟବସାୟୀ ମହଲରେ ମତପ୍ରକାଶ ପାଇଛି। ସାବିତ୍ରୀ ପୂଜା ସମୟରେ ଯଦିଓ ଲୋକାଲ ଆମ୍ବ କିଲୋ ୪୦ଟଙ୍କାରେ ବିକ୍ରି ହେଉଥିଲା। ବର୍ତ୍ତମାନ ଆମ୍ବର ଦର ୬୦/୭୦ ଟଙ୍କାକୁ ଛୁଇଁଲାଣି। ସେହିଭଳି କଦଳୀ ଡର୍ଜନ ୬୦ଟଙ୍କାରେ ପହଞ୍ଚି ଥିବାବେଳେ ସେଓ, କମଳା ଓ ଅନ୍ୟାନ୍ୟ ଫଳ ସବୁ କିଲୋ ପ୍ରତି ୧୫୦ରୁ ୨୦୦ଟଙ୍କାରେ ପହଞ୍ଚିଛି। ପନିପରିବା ଦର କଥା ମଧ୍ୟ କହିଲେ ନସରେ। ବର୍ତ୍ତମାନ କେନ୍ଦୁଝର ସହରରେ ବାଇଗଣ କିଲୋ ୪୦ ଟଙ୍କା, ବିଲାତି ୫୦ଟଙ୍କା, ରୁମାଛୁଇଁ ୮୦ଟଙ୍କା, ପୋଟଳ ୬୦ଟଙ୍କା, କୋବି ୬୦ଟଙ୍କା, ଜହ୍ନି ୮୦ଟଙ୍କା ଭେଣ୍ଡି ୬୦ଟଙ୍କାରେ ବିକ୍ରି ହେଉଥିଲା ବେଳେ ତେଜରାତି ସାମଗ୍ରୀଗୁଡିକରେ ମଧ୍ୟ ମହଙ୍ଗା ମାଡ଼ ହୋଇଛି। ହରଡ଼ ଡାଲି କିଲୋ ୧୮୦ଟଙ୍କାରେ ପହଞ୍ଚିଥିବା ବେଳେ ଆଳୁ କିଲୋ ୨୮ ଟଙ୍କା, ପିଆଜ ୪୦ଟଙ୍କା, ତେଲ ଲିଟର ୧୪୫ ଟଙ୍କା, ଅଦା ୧୬୦ଟଙ୍କା, ରସୁଣ ୧୮୦ଟଙ୍କାରେ ପହଞ୍ଚିଛି, ଯାହାକି ବିଶେଷକରି ଗରିବ ଖାଉଟିମାନଙ୍କୁ ବିବ୍ରତ କରିଛି। ଯଦିଓ ଗରିବ ଲୋକମାନଙ୍କୁ ମାଗଣା ଚାଉଳ ସରକାର ଯୋଗାଇ ଦେଉଛନ୍ତି ହେଲେ ଅନ୍ୟାନ୍ୟ ସାମଗ୍ରୀ ଗୁଡିକର ଦର ସେମାନଙ୍କୁ ବ୍ୟଥିତ କରିଛି।

## ଭିଣୋଇ ଗୁଳିରେ ଶାଳକ ମୃତ

**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଶିକୁଳିପଦର ପଞ୍ଚାୟତର ଭାଲିଆଗଣି ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଗ୍ରାମର ୧୦ ଜଣ ବ୍ୟକ୍ତି ରଜ ପାଇଁ ବାର୍‌ହା ଶିକାର ନିମନ୍ତେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ଶିକାର ବେଳେ ଭିଣୋଇ ଉଦୟର ଗୁଳି ମାଡ଼ରେ ଶାଳକ କୈଳାସ ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଖବର ପାଇ ମୋହନା ପୋଲିସ ସେଠାରେ ପହଞ୍ଚି ମୃତ କୈଳାସଙ୍କ ଶବ ଜବତ କରିବା ସହ ଘଟଣାର ତଦନ୍ତ କରୁଛି ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଦ୍ୟାଳୟମାନଙ୍କରେ ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

**ଲପଙ୍ଗା, ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ମାନଙ୍କରେ ସୁଦ୍ଧ ପାନୀୟ ଜଳ ଆ.ରୋ. ପ୍ରକଳ୍ପ ନିମନ୍ତେ, ଫ୍ରାନ୍ସ ସ୍ଥିତ ଅଗ୍ରଣୀ ଆଲୁମିନିୟମ କମ୍ପାନୀ ଫାଇବ୍ସ ସହାୟତା ତଥା ରେଙ୍ଗାଲି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଧୀନ ଏକତା ସଂଗଠନର ପ୍ରତ୍ୟେକ୍ଷ ତତ୍ୱା ବଧାନତାରେ, ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା ୪ଟି ବିଦ୍ୟାଳୟରେ, ପ୍ରାରମ୍ଭିକ ଭାବେ ଆ.ରୋ. ଜଳ ପ୍ରକଳ୍ପ ସ୍ଥାପନ କରାଯିବା ନିମନ୍ତେ ଧାର୍ଯ୍ୟ କରାଯାଇ, ଜଙ୍ଗଲ ସେବାଶ୍ରମ ଓ ଗୋଲାମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ, ପ୍ରକଳ୍ପର ଶୁଭଉଦଘାଟନ କରାଯାଇଅଛି। ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ, ଶ୍ରୀ ସେବସ୍ତିଆନ କାଇଲେଥିଉ, ନିର୍ଦ୍ଦେଶକ (ଫାଇଭସ), ଷ୍ଟିଫେନ ଅଗଷ୍ଟିନ, ପ୍ରକଳ୍ପ ମୁଖ୍ୟ, ଗଣପ୍ରକାଶମ ମହାବିଷ୍ଣୁ, ଆନନ୍ଦ ପ୍ରକାଶ ଓ ସୁଭାଶିଷ ନାୟକ, ପ୍ରବନ୍ଧକ ଯୋଗଦାନ କରି ପ୍ରକଳ୍ପର ଶୁଭଉଦଘାଟନ କରିଥିଲେ ତଥା ଛାତ୍ର ଛାତ୍ରୀ ମାନଙ୍କ ସହ ଆଲୋଚନା ସହିତ ସୁନ୍ଦର ଭବିଷ୍ୟତ ଗଢିବା ନିମନ୍ତେ ମତାମତ ଦେଇଥିଲେ। ସ୍ୱାଧୀନ ଏକତା ସଂଗଠନର ସହଯୋଗ ତଥା ଲୋକାଭିମୁଖୀ କାର୍ଯ୍ୟକ୍ରମ ନିମନ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଶିକ୍ଷକ ମାନଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ୟା ସମ୍ବନ୍ଧରେ ଅବଗତ ହୋଇଥିଲେ। ଉକ୍ତ ପ୍ରକଳ୍ପ ମାଧ୍ୟମରେ, ୪ଟି ବିଦ୍ୟାଳୟର ୯୫୦ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ବୃନ୍ଦ ଉପକୃତ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି। ଆଦିତ୍ୟ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ Sweta ଉପାଧ୍ୟାୟ, ସହ ପ୍ରବନ୍ଧକ ଶ୍ରୀ ମନୋରଞ୍ଜନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନତାରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଆୟୋଜିତ ହୋଇ, ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

# ମାତ୍ର ତିନି ମାସରେ ବେଦାନ୍ତ ଗ୍ରୁପର ବଜାର ପୁଞ୍ଜି ୨.୨ ଲକ୍ଷ କୋଟି ଟଙ୍କା ବୃଦ୍ଧି




**ମୁମ୍ବାଇ,**

ସାଧାରଣ ନିର୍ବାଚନ ପରେ ପୁଞ୍ଜି ବଜାରରେ ଦେଖାଦେଇଥିବା ଅସ୍ଥିରତାକୁ ପ୍ରତିହତ କରି ବେଦାନ୍ତ ଗ୍ରୁପ୍ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଷ୍ଟକ ବଜାରରେ ନିବେଶକମାନଙ୍କ ଲାଗି ସର୍ବାଧିକ ସମ୍ପତ୍ତି ସୃଷ୍ଟି କରିଛି । କମ୍ପାନିର ବଜାର ପୁଞ୍ଜି ଗତ ତିନିମାସରେ ପ୍ରାୟ ୨.୨ ଲକ୍ଷ କୋଟି ବୃଦ୍ଧି ପାଇଛି । ଏପରିକି ଭାରତର ଅଗ୍ରଣୀ କମ୍ପାନି ଯଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ମହିନ୍ଦ୍ରା ଗ୍ରୁପ ଓ ଟାଟା ଗ୍ରୁପ୍ଠାରୁ ଏହାର ବଜାର ପୁଞ୍ଜି ଅଧିକ ଦ୍ରୁତଗତିରେ ବୃଦ୍ଧି ପାଇଛି । ୨୦୨୪ ମାର୍ଚ୍ଚ ୨୮ରୁ ଜୁନ୍ ୨୦ ମଧ୍ୟରେ ବେଦାନ୍ତ ଗ୍ରୁପର ବଜାର ପୁଞ୍ଜି ପରିମାଣ ୨.୨ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ସେହି ସମୟରେ ଆଦାନି ଗ୍ରୁପ ଓ ମହିନ୍ଦ୍ରା ଗ୍ରୁପର ବଜାର ପୁଞ୍ଜି ୧.୪ ଲକ୍ଷ କୋଟି ଟଙ୍କା ଲେଖାଏଁ ବଢ଼ିଥିବା ବେଳେ ଟାଟା ଗ୍ରୁପ ବଜାର ପୁଞ୍ଜିରେ ୬୦,୬୦୦ କୋଟି ଟଙ୍କାର ବୃଦ୍ଧି ଘଟିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବଜାର ପୁଞ୍ଜି ୮୨୦୦ କୋଟି ଟଙ୍କା ହ୍ରାସ ପାଇଛି । ଏହି ପ୍ରଦର୍ଶନ ଯୋଗୁଁ ହିନ୍ଦୁସ୍ତାନ ଜିଙ୍କରେ ଥିବା ଭାରତ ସରକାରଙ୍କ ୨୯.୫ ପ୍ରତିଶତ ଅଂଶଧନ ପରିମାଣ ଦ୍ୱିଗୁଣିତ ହୋଇ ୮୦୦୦୦ କୋଟି ଟଙ୍କା ହୋଇଛି। ୨୦୨୪ ଜୁନ୍ ୨୦ ସୁଦ୍ଧା ବେଦାନ୍ତ ଗ୍ରୁପ୍ର ବଜାର ପୁଞ୍ଜି ପରିମାଣ ୪,୪୮,୪୫୪.୨ କୋଟି ଟଙ୍କା ରହିଥିବା ବେଳେ ମହିନ୍ଦ୍ରା ଗ୍ରୁପର ୫,୫୭,୭୯୭.୭ କୋଟି ଟଙ୍କା, ଆଦାନି ଗ୍ରୁପର ୧୭,୩୪,୫୦୩ କୋଟି ଟଙ୍କା, ଟାଟା ଗ୍ରୁପର ୩୦, ୬୩, ୮୧୦ କୋଟି ଟଙ୍କା ଏବଂ ରିଲାଏନ୍ସ ଗ୍ରୁପର ବଜାର ପୁଞ୍ଜି ପରିମାଣ ୨୨, ୬୭, ୩୩୧ କୋଟି ଟଙ୍କା ରହିଛି ।

# ଦୁର୍ଘଟଣା ଜୋନ୍ ପାଲଟିଛି ସୁବାଷ ବୋଷ ଛକ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**



ବିଶ୍ୱସ୍ତରୀୟ ସହର ପୁରୀ। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ ପୁରୀ ଆସୁଛନ୍ତି। ମେଡ଼ିକାଲ ଛକ, ଭିଆଇପି ରୋଡ଼, ବୋଷ ଛକ ଦେଇ ସମୁଦ୍ରକୂଳ ଯାଉଛନ୍ତି। ଆଗକୁ ରଥଯାତ୍ରା। ସାହି ଗଳିକନ୍ଦି ରାସ୍ତା ଅବସ୍ଥା ଶୋଚନୀୟ। ବୋଷ ଛକ ନିକଟ ବରଗଛ ମୂଳେ ଧଳା ବର୍ଡ଼ର ଲାଇନ ପାଖକୁ ଲାଗି ୩ଟି ସ୍ଲାପ୍ ମ୍ୟାନ ହୋଲ ରହିଛି । ଯାନବାହନ ଯିବା ସମୟରେ ଏହି ସ୍ଥାନଟି ସ୍ୱର୍ଶକାତର ଅଞ୍ଚଳ ଭାବେ ପରିଚିତ। ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନ ଯିବା ସମୟରେ ଯଦି ବାମ ପଟକୁ ସାଇଡ଼ କରି ଯିବେ ତେବେ ନିଶ୍ଚିତ ଦୁର୍ଘଟଣାର ସମ୍ମୁଖୀନ ହେବେ। ସେଠାରେ କାର୍ଯ୍ୟରତ ପୋଲିସ ବରଗଛ ମୂଳେ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ବାଇକ୍ ଦୁର୍ଘଟଣା ଏହି ଛକରେ ଘଟି ଜୀବନହାନୀ ହୋଇଥିବାର ନଜିର ରହିଛି । ବରଗଛ ମୂଳେ ଅନେକ ରିକ୍ସା ରଖୁଥିବାରୁ ଓ କେତେକ ବ୍ୟକ୍ତି ଠିଆ ହୋଇ ରହୁଥିବାରୁ ଗାଡ଼ି ଚାଳକମାନେ ଅସାବଧାନତା ଅବଲମ୍ବନ ହୋଇଗଲେ ଲୋକଙ୍କ ଉପରେ ଗାଡ଼ି ମାଡ଼ି ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଡ୍ରିଙ୍କ୍ ଟୁ ଟ୍ୟାପ୍ ବୋର୍ଡ଼ ସହ ଲୁହା ଖୁଣ୍ଟ ରହିଥିବାରୁ ତାହା ମଧ୍ୟ ରାସ୍ତାକୁ ଆଂଶିକ ଅବରୋଧ କରୁଛି । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା, ବ୍ଲୁ ଫ୍ଲାଗ ବିଚ୍ ଓ ପର୍ଯ୍ୟଟନ କାର୍ଯ୍ୟାଳୟ ରହିଥିବାରୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ସହରବାସୀ ଓ ଜିଲ୍ଲାବାସୀ ସେହି ବାଟ ଦେଇ ଯାଆସ କରୁଛନ୍ତି। ଦୀପ ତଳ ଅନ୍ଧାର ପରି ଏହି ସ୍ଥାନଟିକୁ କାହାର ଦୃଷ୍ଟି ପଡୁନଥିବା ଦେଖାଯାଉଛି ।

## ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ନିଳାଗୁଡା ଜଙ୍ଗଲରେ ଅବକାରି ଚଢ଼ଉ ହୋଇଛି । ଜୟପୁର ଅବକାରୀ ଥାନା ପକ୍ଷରୁ ଏହି ଚଢଉ କରାଯାଇଛି। ଚଢ଼ଉ ସୂଚନା ପାଇ ମଦ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ୨ଟି ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ, ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

## କେନ୍ଦୁଝରରେ ପ୍ରଥମଥର ପାଇଁ ଆରମ୍ଭ ହେଲା ସ୍ୱୟଂଚାଳିତ ଟେଷ୍ଟିଂ ସିଷ୍ଟମ

**କେନ୍ଦୁଝର , ନ୍ୟୁଜ**

କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ (ଏଡିଟିଏସ) ଆରମ୍ଭ ହୋଇଛି । ପ୍ରଥମ ଦିନରେ ୫୦ ଜଣଙ୍କର ଏଡିଟିଏସ ଟେଷ୍ଟିଂ ହୋଇଅଛି । ଏହି ଏଡିଟିଏସ୍ ଟେଷ୍ଟିଂ ଟ୍ରାକ ବ୍ୟବସ୍ଥାରେ ଶତ ପ୍ରତିଶତ ସ୍ୱଚ୍ଛତା ରକ୍ଷା କରାଯିବା ସହ ସି.ସି. କ୍ୟାମେରା ଜରିଆରେ ଆବେଦନକାରୀଙ୍କର ଡ୍ରାଇଭିଂ ଟେଷ୍ଟ ସଠିକ ଓ ନିର୍ଭୁଲ ଭାବେ ଯାଚଂ କରାଯାଇପାରିବ ।

## ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ନାଗରିକ ସମ୍ବର୍ଦ୍ଧନା

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ସଂକଳ୍ପପତ୍ରରେ ଯାହା କୁହାଯାଇଛି, ତାହା ପାଳନ କରିବା ଆରମ୍ଭ କରିଦେଇଛି ବିଜେପି ସରକାର ବୋଲି ବଲାଙ୍ଗିର ସାମ୍ବାଦିକ ଭବନରେ ନାଗରିକ ସମ୍ବର୍ଦ୍ଧନା ଗ୍ରହଣ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ଦୁଲ୍‌ଦୁଲି କଳା ପରିଷଦ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡ. ଲଳିତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ଘାସିରାମ ମିଶ୍ର, ଗଦାଧର ବାରିକ, ଆଇନଜୀବୀ ଶଶୀଭୂଷଣ ପୁରୋହିତ, ସଂପାଦକ ବାସୁଦେବ ସା' ପ୍ରମୁଖ ନିଜ ଭାଷଣରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର ବିଭିନ୍ନ ଦାବି ସଂପର୍କରେ ଉପସ୍ଥାପନ କରିଥିଲେ । ଶୁଭେଚ୍ଛା ଓ ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମହାଲିଙ୍ଗ ବଲାଙ୍ଗିର ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କୋଟିଏ ପାଇଁ ମହିଳାଙ୍କ ଅପହରଣ ନାଟକ: ଭାଇକୁ ଚୂନ ଲଗାଇବାକୁ ଭଉଣୀର ଉଦ୍ୟମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



### ପ୍ରେମିକ ସହ ନୟାଗଡ଼ରୁ ଧରାପଡ଼ିଲା, ପୁଲିସ ଉପରେ ଗାଡ଼ି ଚଢ଼ାଇ ଫେରାର ଉଦ୍ୟମ

ସ୍ୱାମୀଙ୍କ ସହ ରହିପାରିଲାନି। ବିବାହର ୩ବର୍ଷ ପରେ ସ୍ୱାମୀଙ୍କୁ ଛାଡ଼ି ବାପଘରକୁ ଫେରିଲା। ସେତିକିବେଳେ ସାହାରା ସାଜିଥିଲେ ସାନଭାଇ। ତେବେ ସେହି ଭାଇଙ୍କୁ ବି ସେ ଛାଡ଼ିଲାନି। ପ୍ରେମିକ ସହ ମିଶି ଅପହରଣର ନାଟକ କରି ଭାଇଙ୍କୁ କୋଟିଏ ଟଙ୍କା ଚୂନ ଲଗାଇବାକୁ ଯୋଜନା କଲା। ହେଲେ ଶେଷରେ ନାଟକ ଫସର ଫାଟିଗଲା। ରାଜଧାନୀରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଚନ୍ଦକା ଥାନା ଟ୍ରାଇଡେଣ୍ଟ ଗ୍ୟାଲାକ୍ସିର ସ୍ମୃତିରେଖା ପାଣି ଅପହରଣ ମାମଲା ଏକ ନାଟକ ଥିଲା ବୋଲି ଜଣାପଡ଼ିଛି। ଆଜି କମିସନରେଟ୍? ପୁଲିସ ମୁଖ୍ୟାଳୟରେ ପୁଲିସ କମିସନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂହ ଘଟଣା ଉପରୁ ପର୍ଦ୍ଦା ହଟାଇଛନ୍ତି। ଘଟଣାରେ ଚନ୍ଦକା ଥାନା ପୁଲିସ ସ୍ମୃତିରେଖା ସହ ତା' ପ୍ରେମିକ ରାଜସ୍ଥାନ ଜୟପୁରର ପ୍ରଦୀପ କୁମାର ଓଲା (୨୭) ଓ ସହଯୋଗୀ ଦେବୀ ଲାଲ(୨୭)ଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ରାଜସ୍ଥାନ ନମ୍ବର ଥିବା ଏକ ଟୟଟା ହାଇରାଇଡ଼ର୍ ଗାଡ଼ି ଜବତ କରାଯାଇଛି। ସୂଚନା ମୁତାବକ ସ୍ମୃତିରେଖା ବେଶ୍ ସମ୍ଭ୍ରାନ୍ତ ପରିବାରର। ତା' ବାପା ସତ୍ୟନାରାୟଣ ପାଣି ଏକ ରାଜନୈତିକ ଦଳର ନେତା। ସାନଭାଇ ଶୁଭାଶିଷ ପାଣି ମଧ୍ୟ ଜଣେ ପ୍ରତିଷ୍ଠିତ ଟ୍ରେଡର। ୟୁଟ୍ୟୁବ୍‌ରେ ତାଙ୍କର 'ପାୱାର ଅଫ୍ ଷ୍ଟକ୍' ନାମକ ଚ୍ୟାନେଲ୍ ବି ରହିଛି। ଗତ ୨୦୧୫ ମସିହାରେ ସ୍ମୃତିରେଖା ସିଙ୍ଗାପୁରରେ ରହୁଥିବା ଜଣେ ଯୁବକଙ୍କୁ ବିବାହ କରିଥିଲା। ତେବେ ୨୦୧୮ ମସିହାରୁ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ଓଡ଼ିଶା ଫେରିଆସି ପରିବାର ସହ ଟ୍ରାଇଡେଣ୍ଟ ଗ୍ୟାଲାକ୍ସିରେ ରହୁଥିଲା। ଏହି ସମୟରେ ସେ ଫ୍ୟାସନ ଡିଜାଇନିଂ କାମ ଆରମ୍ଭ କରିଥିଲା। ୨୦୨୩ ମସିହା ଡିସେମ୍ବରରେ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ରାଜସ୍ଥାନର ପ୍ରଦୀପ କୁମାର ଓଲା ସହିତ ତା'ର ବନ୍ଧୁତା ହୋଇଥିଲା। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ସେହି ସମୟରେ ପ୍ରଦୀପର ଟ୍ରେଡିଂ ବ୍ୟବସାୟ କ୍ଷତିରେ ଚାଲିଥିଲା। ସ୍ମୃତିରେଖା ସ୍ୱାମୀ ପରିତ୍ୟକ୍ତା ଓ ତା' ପରିବାର ଧନୀ ବୋଲି ଜାଣି ସେ ସଂପର୍କ ବଢ଼ାଇଥିଲା। କିଛିଦିନ ତଳେ ପ୍ରଦୀପର ପତ୍ନୀ ବି ତା'ଠାରୁ ଅଲଗା ହୋଇଯିବାପରେ ସେ ସ୍ମୃତିରେଖାକୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲା। ଉଭୟ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ସାନଭାଇର ଭଲ ରୋଜଗାର ଥିବାରୁ ଭାଇଠାରୁ କୋଟିଏ ଟଙ୍କା ନେଇ ସେମାନେ ଦାମ୍ପତ୍ୟ ଜୀବନ ଆରମ୍ଭ କରିବାକୁ ଯୋଜନା କରିଥିଲେ। ହେଲେ ତାହା ଫସର ଫାଟିଗଲା।

# ଶିଶୁ ଶ୍ରମିକ ସମସ୍ୟା ଓ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଜୁନ ୧୨ ତାରିଖ ଦିନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇ.ସି.ଡି.ଏ. ତରଫରୁ ଟିକରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଡ଼ିଆଳି ଗ୍ରାମରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଡ଼ିଆଳି ସମେତ ଜାମୁଖୋଲ, ବୁରଗୋରା ଓ ବିରିଗଡର ଗ୍ରାମ ଉନ୍ନୟନ ପରିଷଦର ସଦସ୍ୟ, ଗ୍ରାମବାସୀ ଓ ସ୍କୁଲ ପିଲାମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବୁରଗୋରାର କଷ୍ଟେଶ୍ୱର ଖଟୁଆ, କାମିନୀ ବାଘ, ବିଶି କେଶନ ବେହେରା ଗୁଡ଼ିଆଳିର ରମେଶ ମଲ୍ଲିକ ଏବଂ ରାମ କିଶୋର ମଲ୍ଲିକ, ଜାମୁଖୋଲର କେଶବ ଚ଼ନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମରେ ଏହି ଅଞ୍ଚଳରେ ଥିବା ଶିଶୁ ଶ୍ରମିକ ସମସ୍ୟା ଏବଂ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚ଼ନା କରିଥିଲେ। ଏହାସହ ୱାଇ.ସି.ଡି.ଏ. କର୍ମକର୍ତ୍ତା ତୀର୍ଥାନନ୍ଦ ମହାପାତ୍ର ଶିଶୁ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକକୁ ୱାଇ.ସି.ଡି.ଏ. କର୍ମକର୍ତ୍ତା ଅଙ୍ଗୁରବାଳା ମେହେର ପରିଚ଼ାଳନା କରିବାସହ ଶିଶୁ ଶ୍ରମିକ ଅଧିନିୟମ ଆଇନ ବିଷୟରେ ଅଲୋଚ଼ନା କରିଥିଲେ। ଏହି ଅବସରରେ ସ୍କୁଲପିଲାମାନଙ୍କୁ ନେଇ ଏକ ଚ଼ିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ୱାଇ.ସି.ଡି.ଏ. ସଂସ୍ଥାର ବରୁଣ ଦାସ, ତରଣୀ ପ୍ରଧାନ କାର୍ଯ୍ୟକ୍ରମ ସମ୍ପାଦନରେ ସହାୟତା କରିଥିଲେ।

## ହିନ୍ଦୁଧର୍ମକୁ ଫେରିଲେ ପରିବାରର ୧୪ ସଦସ୍ୟ

**ଘଟଗାଁ, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ସୀମାନ୍ତ ମହୁଲଡିହା ଥାନା ଅଞ୍ଚଳର ଝରଝରି ଗାଁରେ ବିଶ୍ୱହିନ୍ଦୁ ପରିଷଦ ଆନୁକୁଲ୍ୟରେ ଏକ ଘରବାହୁଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଗୋଟିଏ ପରିବାରର ୧୪ଜଣ ମୂଳ ସନାତନ ହିନ୍ଦୁଧର୍ମକୁ ଆନନ୍ଦ ଉଲାସରେ ପ୍ରତ୍ୟାବର୍ତନ କରିଛନ୍ତି । ସମୟ କ୍ରମେ କିଛି ଲୋକଙ୍କ ସଂସ୍ପର୍ଶରେ ଆସି କିଛିବର୍ଷ ପୂର୍ବରୁ ଏହି ପରିବାର ଅନ୍ୟ ଧର୍ମରେ ଦକ୍ଷିତ ହୋଇଥିଲେ । ସେମାନଙ୍କ ଜ୍ଞାନ ଉଦୟ ହେବା ପରେ ସ୍ୱଧର୍ମ କୁ ୧୪ ଜଣ ପ୍ରତ୍ୟାବର୍ତନ କରିଛନ୍ତି ସେମାନେ ହେଲେ- ୧- ଜୁମ୍ବାଲ ଗଇପାଇ ୨- ଚନ୍ଦୁରୀ ଗଇପାଇ ୩-ରାମାଣୀ ଗଇପାଇ ୪- ଲାଗି ଗଇପାଇ ୫-ଜେମା ଗଇପାଇ ୬-କାଣ୍ଡେ ଗଇପାଇ ୭- ଲାଗ ଗଇପାଇ ୮- ନନ୍ଦି ଗଇପାଇ ୯- ମରିୟମ ଗଇପାଇ ୧୦- ବୁଧୀରାମ ଗଇପାଇ ୧୧- ଭୀମ ଗଇପାଇ ୧୨- ସୁଦୂରା ଗଇପାଇ ୧୩- ଶାନ୍ତି ଗଇପାଇ ୧୪-ଲାଲ ମୋହନ ଗଇପାଇ ପ୍ରମୁଖ ଅନ୍ତର୍ଭୁକ୍ତ । ଶୁକ୍ରବାର ଦିନ ଅନ୍ୟ ଧର୍ମ ପରିତ୍ୟାଗ କରି ସନାତନ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି । ସେମାନେ ପରିବାରର ଧର୍ମ ପରିବର୍ତନ କରାଯାଇଛି ନିଜେ ହୃଦବୋଧ କରିବା ପରେ ନିଜଧର୍ମକୁ ଫେରିବା ପାଇଁ ମନସ୍ତ କରିଥିଲେ। ପରେ ବିଶ୍ୱ ହିନ୍ଦୁ ପରିଷଦ ଆନନ୍ଦପୁର ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତାଙ୍କୁ ଯୋଗାଯୋଗ କରିଥିଲେ। ଆନନ୍ଦପୁର ଜିଲ୍ଲା ଧର୍ମ ରକ୍ଷା ଓ ଧର୍ମ ପ୍ରସାର ପ୍ରମୁଖ ଅକ୍ଷୟ କୁମାର ସାହୁଙ୍କ ସଂଯୋଜନାରେ ସେମାନଙ୍କୁ ନୂତନ ବସ୍ତ୍ର ପରିଧାନ ପରେ ହୋମ ଓ ପୂଜାର୍ଚ୍ଚନା କରି ମୂଳ ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତନ କରାଇଥିଲ । ଉକ୍ତ ଉତ୍ସବରେ ଧର୍ମ ରକ୍ଷା ପ୍ରମୁଖ ଅକ୍ଷୟ କୁମାର ସାହୁ, ବଜରଙ୍ଗଦଳ ସଂଯୋଜକ ଦିବ୍ୟଜ୍ୟୋତି ମୁଦୁଲି, ହରିହର ସେଠୀ, ବିଶ୍ୱହିନ୍ଦୁ ପରିଷଦ ସଭାପତି ଚିତରଞ୍ଜନ ଦାଶ ଓ ବରିଷ୍ଠ ସମାଜ ସେବୀ ରବିନ୍ଦ୍ର ପ୍ରସାଦ ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଶ୍ୱ ପାଇଁ ଏକ ନୂଆ ବନସ୍ପତି ଆବିଷ୍କାର କଲେ ପତଞ୍ଜଳିର ଗବେଷକ ଟିମ୍

**ହରିଦ୍ୱାର,**

ଦେବଭୂମି ଉତ୍ତରାଖଣ୍ଡର ହିମାଳୟୀ କ୍ଷେତ୍ର ଯମୁନୋତ୍ରୀରେ ଏକ ଏଭଳି ବୃକ୍ଷ ମିଳିଛଇ, ଯାହା ଆଜି ଯାଏ ବିଶ୍ୱ ପାଇଁ ଅଜ୍ଞାତ ଥିଲା । ଏହାକୁ କ୍ୟାମ୍ପେନ୍ୟୁଲା ଡେନ୍ସିଲିଏଟା ନାମରେ ଚିହ୍ନଟ କରାଯାଇଛି । ଏହା ଗଛର ଫୁଲ ବାଇଗଣୀ ରଙ୍ଗ ଓ ଏହାର ଆକୃତି ଘଂଟାକାର ଅଟେ । ପତଂଜଳିର ରିସର୍ଚ୍ଚ ଟିମ ଗଭୀର ଅନୁସନ୍ଧାନ ପରେ ଦାବି କରିଛି ଯେ, ଏହି ଗଛ ବିଶ୍ୱରେ ଆଉ କେଉଁଠି ମିଳେନାହିଁ । ପତଂଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି ଯେ, ପତଂଜଳିର ଏହି ଗବେଷଣାକୁ ନ୍ୟୁଜିଲ୍ୟାଣ୍ଡର ବିଶ୍ୱ ପ୍ରସିଦ୍ଧ ବନସ୍ପତି ଗବେଷଣା ଜର୍ଣ୍ଣାଲ ଫାଇଟୋଟେକ୍ସା ପ୍ରକାଶ କରିଛି ।

# ଅସହାୟ ମମତା, ଆହା କରିବାକୁ କେହି ନାହିଁ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନା ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘର ଖଣ୍ଡେ ଅଛି, ନା ପିନ୍ଧିବା ପାଇଁ ଭଲ ବସ୍ତ୍ର ଖଣ୍ଡେ ଅଛି, ନା ଖାଇବା ପାଇଁ ପର୍ଯ୍ୟାପ୍ତ ରାସନ ଅଛି ନା ମନ ଲାଖି ଜିନିଷଟିଏ କିଣିବା ପାଇଁ ହାତରେ ଦୁଇ ପଇସା ଅଛି। ଲୁହ ଲହୁ ପିଇ ଜୀବନ ଜିଇଁବା ହିଁ ସେମାନଙ୍କ ଭାଗ୍ୟରେ ଲେଖା ହୋଇଛି ବୋଧହୁଏ। ଖଡ଼ିଆଳ ବ୍ଲକ କିରିକିଟା ଗ୍ରାମପଞ୍ଚାୟତର ଜୁନାପାଣି ଗ୍ରାମର ଖଲିଆ ଭଟା ପଡ଼ା। ଏହି ଗ୍ରାମର ମମତା ମାଝୀଙ୍କ ଦୁଃଖ କହିଲେ ନସରେ। ଦୁଇ ପୁଅ ଟିକେରାମ (୫ ବର୍ଷ), ଧନେଶ୍ୱର (୩ ବର୍ଷ)ଓ ଗୋଟିଏ ଝିଅ ମଞ୍ଜୁଳା (୧ବର୍ଷ)କୁ ନେଇ ତାଙ୍କରି ଅଭାବୀ ସଂସାର। ସ୍ୱାମୀ ବଳି ମାଝୀ ଛଅ ମାସ ତଳେ ଆର ପାରିକୁ ଚାଲି ଯାଇଛନ୍ତି। ଯାହାଙ୍କ ହାତ ଧରି ଦିନେ ସୁଖର ସଂସାର ଗଢିଥିଲେ, ସେ ଯେ ଦିନେ ସବୁଦିନ ପାଇଁ ଛାଡ଼ି ଚାଲିଯିବ ଓ ସେମାନେ ଦୁଃଖ ସାଗରରେ ଭାସି ବୁଲିବେ ଏକଥା କଳ୍ପନା ମଧ୍ୟ କରି ନଥିଲେ ମମତା। ସ୍ୱାମୀ ଥିବା ବେଳେ ଅଭାବ ନଥିଲା। ମୁଣ୍ଡ ଝାଳ ତୁଣ୍ଡରେ ମାରି ଦୁଇ ପ୍ରାଣୀ ଆପଣା ସଂସାରକୁ ଦୁଃଖ ସୁଖରେ ଚଳାଇ ନେଇଥିଲେ। ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କରି ଇଟା ମାଟିର ଘର ହସ ଖୁସିରେ ଫାଟି ପଡୁଥିଲା। ହେଲେ ଏ ସୁଖ ଯେ ଅଳ୍ପ ଦିନ ପାଇଁ, ମମତା ଜାଣି ପାରି ନଥିଲେ। ସ୍ୱାମୀ ବଳିଙ୍କୁ ଅଳ୍ପ ଅଳ୍ପ ଜ୍ୱର ହେଲା, ଡାକ୍ତରଙ୍କୁ ଦେଖାଇ ଔଷଧ ଖୁଆଇଲେ ହେଲେ ଜ୍ୱର କମିଲା ନାହିଁ ଓ ସ୍ୱାମୀଙ୍କ ଜୀବନ ଦୀପ ଲିଭିଗଲା। ମମତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା, ତିନି ତିନିଟି କଅଁଳ ଛୁଆଙ୍କୁ ନେଇ ଜୀବନ ବଞ୍ଚିବେ କେମିତି ? ସ୍ୱାମୀ ମରିବାର ଛଅ ମାସ ବିତିଗଲାଣି, କିନ୍ତୁ ତାଙ୍କୁ ଭତ୍ତା ମିଳୁନି। ପରିବାର ମଙ୍ଗଳ ଯୋଜନା ସହାୟତା ପାଇ ନାହାନ୍ତି, ଏପରିକି ସ୍ୱାମୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆବେଦନ କରିଥିଲେ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନାରେ ସହଯୋଗ ପାଇ ନାହାନ୍ତି । ମମତାଙ୍କୁ କୌଣସି ସରକାରୀ ସହଯୋଗ ମିଳି ପାରିନାହିଁ। ତାଙ୍କ ପରିବାରକୁ ଏପର୍ଯ୍ୟନ୍ତ ରାସନ୍ କାର୍ଡ ଖଣ୍ଡେ ମିଳି ପାରିନି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ସାତ ସପନ ହୋଇଯାଇଛି । ଛୋଟ ଛୋଟ ଛୁଆମାନଙ୍କୁ ଛାଡ଼ି ମମତା ମୂଲ ଲାଗିବା ପାଇଁ ଯାଆନ୍ତି, ଯେଉଁ ଦିନ କାମ ମିଳେ ନାହିଁ କିମ୍ବା ସେ ଯାଇ ପାରନ୍ତି ନାହିଁ ସେଦିନ ପରଘରୁ ମାଗିକି ଖାଇବାକୁ ପଡ଼େ। ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଦେବା ସହ ବିଧବା ଭତ୍ତା, ପରିବାର ମଙ୍ଗଳ ଯୋଜନାର କୋଡ଼ିଏ ହଜାର, ଅନ୍ତ୍ୟୋଦୟ କାର୍ଡ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିବାକୁ ସେ ଆକୁଳ ନିବେଦନ କରିଛନ୍ତି।

ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଦେଇ ନଥିବାରୁ ଏସବୁ ସୁବିଧା ମିଳି ପାରୁ ନଥିଲା, ଏବେ ସବୁ କାଗଜ ପତ୍ର ଦିଆଯାଇଛି ଓ ନିୟମାନୁସାରେ ସବୁ ପ୍ରକାର ସହଯୋଗ କରାଯିବ ବୋଲି କହିଛନ୍ତି। ଖାଦ୍ୟ, ବସ୍ତ୍ର, ବାସଗୃହ ଜଣେ ଲୋକର ମୌଳିକ ଆବଶ୍ୟକତା। ଏକ ଜନମଙ୍ଗଳ ରାଷ୍ଟ୍ରରେ ସରକାର ଏସବୁ ଯୋଗାଇବା ବାଧ୍ୟତାମୂଳକ। କିନ୍ତୁ ସବୁ ପ୍ରକାର ଯୋଜନା ଥାଇ ମଧ୍ୟ ମମତାଙ୍କ ପରି ଲୋକେ ନାହିଁ ନାହିଁର ଜୀବନ କାଟୁଛନ୍ତି। ପ୍ରଶାସନ ଯେତେଶୀଘ୍ର ଏନେଇ ଚିନ୍ତା କରିବ ସେତେଶୀଘ୍ର ଏହି ପରିବାର ଅଭାବ ଅସୁବିଧାରୁ ମୁକ୍ତି ପାଇ ପାରିବେ।

## ପୁଣି ମହଙ୍ଗା ହେଲା ସୁନା ଓ ରୁପା

**ମୁମ୍ବାଇ,**

ବେଶ କିଛି ଦିନ ସାମାନ୍ୟ ହ୍ରାସ ପାଇବା ପରେ ପୁଣି ଭାରତରେ ସୁନା ଦରରେ ବୃଦ୍ଧି ଘଟିଛି । କେବଳ ସୁନା ନୁହେଁ ଦେଶରେ ରୁପା ମୂଲ୍ୟରେ ଦ୍ରୁତ ବୃଦ୍ଧି ଘଟିଥିବା ବେଳେ ଏହା କିଲୋଗ୍ରାମ ପିଛା ୧୫୦୦ ଟଙ୍କା ବୃଦ୍ଧି ପାଇ ୯୪,୦୦୦ ଟଙ୍କାରେ ପହଞ୍ଚିଛି । ବିଶ୍ୱ ବଜାରର ପ୍ରଭାବ ଓ ଘରୋଇ ବଜାରରେ ଚାହିଦା ବୃଦ୍ଧି ଯୋଗୁଁ ଏପରି ହୋଇଥିବା କୁହାଯାଉଛି । ସେହିପରି ଶିଳ୍ପଜଗତରେ ରୁପାର ଚାହିଦା ରହୁଥିବାରୁ ରୁପା ଦର ବୃଦ୍ଧି ପାଉଛି। ୨୨ କ୍ୟାରେଟ (୧୦ ଗ୍ରାମ) ସୁନା ମୂଲ୍ୟ ରେ ୭୫୦ ଟଙ୍କାର ବୃଦ୍ଧି ଘଟି ୬୭,୧୫୦ ଟଙ୍କା ରେ ପହଞ୍ଚିଥିବା ବେଳେ। ଭାରତରେ ୨୪ କ୍ୟାରେଟ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୮୧୦ ଟଙ୍କାର ବୃଦ୍ଧି ଘଟି ୭୩,୨୫୦ ଟଙ୍କା ରେ ପହଞ୍ଚିଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜୁନ୍ ୨୦୨୪ ରବିବାର





# ଡାକ୍ତରମାନେ କାର୍ଯ୍ୟ ନୈତିକତାକୁ ବ୍ରତ ରୂପେ ପାଳନ କରନ୍ତୁ:ସ୍ୱାସ୍ଥ୍ୟ ମନ୍ତ୍ରୀ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ଡାକ୍ତର ଅଭାବ ତଥା ମାନବ ସଂଶାଧନ ବୃଦ୍ଧି ଦିଗରେ ଆଲୋଚନା ହୋଇଥିଲା । ଡାକ୍ତରମାନେ କାର୍ଯ୍ୟ ନୈତିକତାକୁ ବ୍ରତ ରୂପେ ପାଳନ କରିବା ପାଇଁ ଡ଼. ମହାଲିଙ୍ଗ କହିଥିଲେ । ଦୀର୍ଘ ତଥା ବର୍ଷ ବର୍ଷ ଧରି ଛୁଟିରେ ରହୁଥିବା ଡାକ୍ତରମାନଙ୍କ ଲମ୍ବା ଛୁଟିର କାରଣ ଦର୍ଶାଇବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୌଣସି ରୋଗୀ କିମ୍ବା ରୋଗୀ ସମ୍ପର୍କୀୟ ଆମ୍ବୁଲାନ୍ସ ସେବାରୁ ଯେପରି ବଞ୍ଚିତ ନହୁଅନ୍ତି ସେ ଦିଗରେ ଧ୍ୟାନ ଦେବାକୁ କହିଥିଲେ । ୭ ଦିନ ଭିତରେ ଅବ୍ୟବହୃତ ମେଡ଼ିକାଲ ସାମଗ୍ରୀ ଗୁଡ଼ିକର ତାଲିକା ଦେବାକୁ ଡ଼. ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ । ଭୀମ ଭୋଇ ମେଡ଼ିକାଲ କଲେଜରେ ୨ ବର୍ଷରୁ ଊର୍ଦ୍ଧ୍ୱ ଧରି ୨ ଗୋଟି ଅଚଳ ଅକ୍ସିଜେନ୍ ପ୍ଲାଣ୍ଟକୁ ନେଇ କ୍ଷୁବ୍ଧ ହେବା ସହ ଯଥାଶୀଘ୍ର ମରାମତି ପାଇଁ ମେଡ଼ିକାଲ ସୁପରିଟେଣ୍ଡେଣ୍ଟଙ୍କୁ କହିଛନ୍ତି । ସମସ୍ୟାର ସମାଧାନ ଛଡ଼ା ଅନ୍ୟ କୌଣସି ବିକଳ୍ପରୁ ବିରତ ରହିବାକୁ କହିଛନ୍ତି ।



କର୍ମରେ ଅବହେଳାକୁ ବିଲକୁଲ୍ ପ୍ରଶ୍ରୟ ନଦେବାକୁ ସେ ତାଗିଦ୍ କରିଛନ୍ତି । ନିର୍ମଳ ଯୋଜନାରେ ସମସ୍ତ ମେଡ଼ିକାଲର ସଫେଇ କାର୍ଯ୍ୟ ଯେପରି ସୁରୁଖୁରୁରେ ହେବ ତଥା ସମ୍ପୃକ୍ତ ଏଜେନ୍ସି ଦରକାର ମୁତାବକ ମାନବ ସଂଶାଧନ ଯୋଗେଇ ଦେବାକୁ ଆଦେଶ ଦେଇଛନ୍ତି । "ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ" ଆଧାରରେ ମନ୍ତ୍ରଣାଳୟ କାମ କରିବ । ସେଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆରୋଗ୍ୟ କେନ୍ଦ୍ରରେ ଯେମିତି ସବୁଦିନ ଯୋଗ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗହେବ ସେଥିପାଇଁ ଧ୍ୟାନ ଦେବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସମସ୍ତ ଡାକ୍ତରଖାନା ନିଜସ୍ୱ ଆକାଉଣ୍ଟ ଖୋଲି ଅଭିଯୋଗର ଯଥାଶୀଘ୍ର ସମାଧାନ କରିବାକୁ କହିଥିଲେ । ଏହା ସହ ସମସ୍ତ ମେଡ଼ିକାଲର ନୂତନ ଓ ପୁରୁଣା କୋଠା, ମେଡ଼ିସିନ୍ ଉପକରଣ ଆଦି ବିଷୟରେ ଅଲୋଚନା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଟିଟିଲାଗଡ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଭୀମଭୋଇ ମେଡ଼ିକାଲ କଲେଜ ଡିନ୍ ପ୍ରିନ୍ସିପାଲ ଡ଼ ସ୍ୱୟମପ୍ରଭା ପ୍ରଧାନ, ସିଡିଏମ୍‌ଓ ଡ଼ ପ୍ରଦୀପ କୁମାର ଗୁରୁ, ଭୀମଭୋଇ ମେଡ଼ିକାଲ କଲେଜର ଡିନ୍ ତଥା ସୁପରିଟେଣ୍ଡେଣ୍ଟ ଡ଼ ମାନସୀ ପଣ୍ଡା, ଡିପିଏଚ୍‌ଓ ଡ଼ ଦିବ୍ୟକିଶୋର ପତି, ଅତିରିକ୍ତ ସୁପରିଟେଣ୍ଡେଣ୍ଟ ଡ଼ ପ୍ରଭାତ କୁମାର ଦାଶ, ଏଡିପିଏଚ୍‌ଓ ଡ଼ କୁବେର ଚନ୍ଦ୍ର ମହନ୍ତ, ଏଡିପିଏଚ୍‌ଓ ଡ଼ ସୁଷ୍ମା ବାର୍ଲା, ଏଡିପିଏଚ୍‌ଓ ସିଦ୍ଧେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝରର ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ହଳଦିଆଟାଙ୍ଗିରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ନୂତନ ପେନ୍‌ସନ୍ ଯୋଜନା ଭୁକ୍ତ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ମନୋଜ କୁମାର ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ଅତିଥି ଭବନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ପୁରୁଣା ପେନ୍‌ସନ୍ ବ୍ୟବସ୍ଥାକୁ ପୁଣିଥରେ ଲାଗୁ କରିବା, ଛଅ ବର୍ଷ ଠିକା ଚାକିରୀ ସମୟକୁ ସ୍ଥାୟୀ ଚାକିରୀ କାଳ ସହ ସାମିଲ୍ କରି ହିସାବ କରିବା ଓ କେନ୍ଦ୍ରୀୟ ହାରରେ ଓଡ଼ିଶାର ସ୍କୁଲ୍ ଶିକ୍ଷକଙ୍କ ଦରମା ପ୍ରଦାନ କରିବା ଆଦି ସମ୍ବଳିତ ତିନି ଦଫା ଦାବିପତ୍ରରେ ରହିଥିବା ଜଣାପଡ଼ିଛି । ଶିକ୍ଷକ ସଂଘ ପକ୍ଷରୁ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀରେ କେନ୍ଦୁଝର ଜିଲ୍ଲା ସମ୍ପାଦକ ଉମା ଶଙ୍କର ମିଶ୍ର, ବିଜୟ କୁମାର ମିଶ୍ର ଓ ଆଶିଷ ସେଠୀ ପ୍ରମୁଖ ସାମିଲ ହୋଇ ଦାବିପତ୍ର ପ୍ରଦାନ କରିଥିଲେ ।



# ଜଗନ୍ନାଥ ସାଗର ପୁନଃ ଉଦ୍ଧାର:ଡ୍ରେଜିଙ୍ଗ୍ କାର୍ଯ୍ୟ ଆରମ୍ଭ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ପୁନଃ ଉଦ୍ଧାର କାର୍ଯ୍ୟ ଚାଲିଛି । ଡ୍ରେଜିଙ୍ଗ୍ କାର୍ଯ୍ୟ ଆରମ୍ଭ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନପତି ନିଡ଼ିଆ ଭାଙ୍ଗି ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପିଡି ଡୁଡା ଦେବୀ ପ୍ରସାଦ ତାଲି, ବିଡିଓ ଶକ୍ତି ମହାପାତ୍ର, ପୌର ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି । ବର୍ଷା ପୂର୍ବରୁ ଯେପରି ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହୋଇପାରିବ ସେନେଇ ଉଦ୍ୟମ ଆରମ୍ଭ ହୋଇଛି । ବର୍ଷା ପାଇଁ ପଙ୍କ ବାହାରି ପାରୁନଥିବା ବେଳେ ବର୍ତ୍ତମାନ ଶୁକ୍ରବାର ଠାରୁ ଡ୍ରେଜିଙ୍ଗ୍ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ଦ୍ୱାରା ପାଣି ଓ ପଙ୍କକୁ ମିଶାଇ ପଦାକୁ ବାହାର କରିବ । ସାଗରକୁ ଭାଗ ଭାଗ କରି ପଙ୍କ ଉଦ୍ଧାର କରାଯାଉଛି ।

# ୯୮ ଭାରତୀୟ ହଜ୍‌ଯାତ୍ରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ସାଉଦି ଆରବରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜନିତ ମୃତ୍ୟୁ ସଂଖ୍ୟା ହଜାରେ ପାର୍ କରିଛି । ଏମାନଙ୍କ ମଧ୍ୟରେ ୯୮ ଭାରତୀୟ ହଜ୍‌ଯାତ୍ରୀ ସାମିଲ ଅଛନ୍ତି । ପ୍ରାକୃତିକ କାରଣ ତଥା ରୋଗ ଏବଂ ବୃଦ୍ଧାବସ୍ଥାରେ ଏମାନଙ୍କ ମୃତ୍ୟୁ ହୋଇଛି । ଚଳିତବର୍ଷ ଏପର୍ଯ୍ୟନ୍ତ ଲକ୍ଷେ ୭୫ ହଜାର ଭାରତୀୟ ହଜ୍ ଯାତ୍ରୀ ପାଇଁ ସାଉଦି ଆରବ ଯାଇଛନ୍ତି । ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏପର୍ଯ୍ୟନ୍ତ ୧୦ ଦେଶର ୧,୦୮୧ ହଜ୍ ଯାତ୍ରୀଙ୍କ ମୃତ୍ୟୁ ହେଲାଣି । ଏଥିରେ ଇଜିପ୍ଟର ସର୍ବାଧିକ ୬୫୮ ନାଗରିକ ସାମିଲ ଅଛନ୍ତି ।



# ଅଟଳ ସେତୁରେ ଫାଟ

**ମୁମ୍ବାଇ, ନ୍ୟୁଜ୍ ବ୍ୟୁରୋ**

ନୂଆ କରି ଖୋଲିଥିବା ମହାରାଷ୍ଟ୍ରର ମୁମ୍ବାଇ-ଟ୍ରାନ୍ସ ହାର୍ବର ଲିଙ୍କ (ଏମଟିଏଚ୍‌ଏଲ୍) ଅଟଳ ସେତୁରେ ଫାଟ ସୃଷ୍ଟି ହୋଇଛି । ଏହାର ଫଟୋ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ନାନା ପଟୋଲେ ରାଜ୍ୟ ସରକାରଙ୍କୁ ନିଶାଣ କରିଛନ୍ତି । ସେ କହିଛନ୍ତି ଯେ ସମଗ୍ର ରାଜ୍ୟରେ ଦୁର୍ନୀତି ଚାଲିଛି । ଏଭଳି ଅନେକ ଉଦାହରଣ ଆଗାମୀ ବିଧାନସଭା ନିର୍ବାଚନରେ ଉପସ୍ଥାପନ କରାଯିବ । ଭାରତବାସୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ବହୁତ ସମ୍ମାନ କରନ୍ତି । ମାତ୍ର ବିଜେପି ତାଙ୍କ ନାମରେ ଦୁର୍ନୀତି କରିବାକୁ ପଛାଉନାହିଁ । ଏବେ ମହାରାଷ୍ଟ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏଟିଏମ୍ ପାଲଟି ଯାଇଛି । ଏଥିପାଇଁ ଉଭୟେ ରାଜ୍ୟର ବୃଥା ପ୍ରଶଂସା କରୁଛନ୍ତି । ସେହିପରି ରାଜ୍ୟର ବିଜେପି-ଶିବସେନା-ଏନ୍‌ସିପି ସରକାର ଚାଷୀଙ୍କୁ ଲୁଟୁଛନ୍ତି ବୋଲି ନାନା ପଟୋଲେ କହିଛନ୍ତି ।

# ମାତ୍ର ୧୦୨୦ ଟଙ୍କା ପାଇଁ ୩ ଜଣଙ୍କୁ ହତ୍ୟାକଲା ନାବାଳକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ମାତ୍ର ୧ ହଜାର ୨୦ ଟଙ୍କା ପାଇଁ ତିନି ତିନିଟି ଜୀବନ ନେଇଗଲା ମାତ୍ର ୧୪ ବର୍ଷର ନାବାଳକ । ରାଇମଣି ଟ୍ରିପଲ୍ ମର୍ଡର୍ ପଛର ସତ୍ୟ ଉନ୍ମୋଚନ କରି ପୁଲିସ୍ ଗଣମାଧ୍ୟମକୁ ଏହି ସୂଚନା ଦେଇଛି । ଏହା ସହ ଅଭିଯୁକ୍ତ ନାବାଳକକୁ ପୁଲିସ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହଜାର କରାଇଛି । ଏହି ବିଭତ୍ସ ଘଟଣାରେ ପୁଲିସ ୨ଟି ଏତଲା କ୍ରମେ ୨ଟି ହତ୍ୟା ମାମଲା ରୁଜୁ କରିଛି । ପ୍ରଥମ ମାମଲାଟି ମୃତା ସୁକାନ୍ତି ମୁଣ୍ଡାଙ୍କ ସ୍ୱାମୀ ରାଜୁ ମୁଣ୍ଡାଙ୍କ ଏତଲାକ୍ରମେ କେଶ୍ ନଂ- ୪୦୮/ ୨୪ ରୁଜୁ ହୋଇଥିବା ବେଳେ ୨ୟ ମାମଲାଟି ଅଭିଯୁକ୍ତ ନାବାଳକର ମା' ରୁବି ମୁଣ୍ଡାଙ୍କ ଏତଲାକ୍ରମେ କେଶ୍ ନଂ-୪୦୯/୨୪ ରୁଜୁ ହୋଇଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ସୂଚନା ଦେଇଛନ୍ତି । ପୁଲିସ୍ ସୂଚନାନୁଯାୟୀ ରାଜୁ ମୁଣ୍ଡାଙ୍କ ସ୍ତ୍ରୀ ସୁକାନ୍ତି ମୁଣ୍ଡା ନାବାଳକ ଠାରୁ ୧ ହଜାର ଟଙ୍କା ଧାର୍ ନେଇଥିଲେ । କିନ୍ତୁ ଦୀର୍ଘ ଦିନ ଧରି ଫେରାଉନଥିଲେ । ମଙ୍ଗଳବାର ରାତିରେ ମହିଳା ଜଣଙ୍କ ରାଇମଣି ଛକକୁ ଆସିଥିବା ବେଳେ ନାବାଳକ ଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲା । କିନ୍ତୁ ଟଙ୍କା ଦେବାକୁ ମନା କରିଦେବାରୁ ରାଗରେ ସେ ତାଙ୍କ ବେକକୁ ଶାଢ଼ିରେ ଚିପି ହତ୍ୟା କରିଥିଲା । ପାଖରେ ଥିବା ମହିଳାଙ୍କ ୬ ବର୍ଷୀୟା ଶିଶୁ କନ୍ୟା ଏହା ଦେଖିଦେବାରୁ ସେ ତାକୁ ଗୋଡ଼ାଇ ଗୋଡ଼ାଇ କଲ୍‌ଭର୍ଟ ନିକଟରେ ପଥରରେ ଛେଚି ହତ୍ୟା କରିଥିଲା । ଏସବୁ କାଣ୍ଡ ନିଶାସକ୍ତ ଅବସ୍ଥାରେ କରିଥିବା ସନ୍ଦେହ କରାଯାଉଛି । ତେବେ ଏହି ହତ୍ୟାକାଣ୍ଡର କାରଣ ଦୁଷ୍କର୍ମ ବୋଲି ମୃତା ମହିଳାଙ୍କ ସ୍ୱାମୀ ରାଜୁ ମୁଣ୍ଡା ଅଭିଯୋଗ କରିଥିବା ବେଳେ ପୁଲିସ ତାକୁ ଅସ୍ୱୀକାର କରିଛି । ସେହିପରି ଅଭିଯୁକ୍ତ ନାବାଳକ ତା ଆଈ ସୁମତି ମୁଣ୍ଡାକୁ ୨୦ ଟଙ୍କା ମାଗିଥିଲା କିନ୍ତୁ ସୁମତି ଟଙ୍କା ଦେବାକୁ ମନା କରିଦେବାରୁ ସେ ଶାଢ଼ିରେ ତଣ୍ଟିକୁ ଚିପି ତାଙ୍କୁ ହତ୍ୟା କରିଥିଲା ।

# ଦେଶକୁ ରେକର୍ଡ ଅର୍ଥ ପଠାଇଛନ୍ତି ଏନ୍‌ଆର୍‌ଆଇ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଦେଶର ଅର୍ଥନୀତି ପାଇଁ ଭଲ ଖବର । କାରଣ ବିଦେଶରେ ରହୁଥିବା ଭାରତୀୟମାନେ (ଏନଆରଆଇ) ଦେଶକୁ ପଠାଇଛନ୍ତି ରେକର୍ଡ ପରିମାଣର ଅର୍ଥ । କେବଳ ଏପ୍ରିଲ ମାସରେ ବିଭିନ୍ନ ଏନଆରଆଇ ଜମା ଯୋଜନାରେ ୧ ବିଲିୟନ ଡଲାରରୁ ଅଧିକ ଅର୍ଥ ରାଶି ଜମା କରିଛନ୍ତି । ରିଜର୍ଭ ବ୍ୟାଙ୍କର ସଦ୍ୟ ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସ ଅର୍ଥାତ୍ ଏପ୍ରିଲ ୨୦୨୪ରେ ଏନଆରଆଇ ଭାରତୀୟଙ୍କ ଦ୍ୱାରା ବିଭିନ୍ନ ଏନଆରଆଇ ଡିପୋଜିଟ୍ ସ୍କିମ୍‌ରେ ୧୦୮ ବିଲିୟନ୍ ଡଲାର ଜମା ହୋଇଛି । ଆଉ ଏହି ଜମା ସହ ଏନଆରଆଇ ଜମାର ସମୁଦାୟ ସଂଖ୍ୟା ୧୫୩ ବିଲିୟନ ଡଲାର ହୋଇଛି । ଅବଶ୍ୟ ୨୦୨୩ରେ ଏନ୍‌ଆର୍‌ଆଇ ୧୫୦ ମିଲିୟନ୍ ଡଲାର କାଢ଼ିଥିଲେ । ସୂଚନାଥାଉ କି, ଏନଆରଆଇଙ୍କ ପାଇଁ ଅନେକ ଜମା ଯୋଜନା ରହିଛି । ଏଥିରେ ଏଫ୍‌ସିଏନ୍‌ଆର୍ ଅର୍ଥାତ୍ ଫରେନ୍ କରେନ୍ସି ନନ୍ ରେସିଡେଣ୍ଟ ଆକାଉଣ୍ଟ ପ୍ରମୁଖ । ଏପ୍ରିଲରେ ଯେଉଁ ସ୍କିମ୍‌ରେ ଜମାରେ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି । ସେଥିରେ ଦୁଇ ପ୍ରକାର ଏଫ୍‌ସିଏନ୍‌ଆର୍ ଆକାଉଣ୍ଟ ମୁଖ୍ୟ ରହିଛି । ତାହା ହେଉଛି ଫରେନ୍ କରେନ୍ସି ନନ୍ ରେସିଡେଣ୍ଟ ବା ଏଫ୍‌ସିଏନ୍‌ଆର୍ (ବି) ଏବଂ ନନ୍ ରେସିଡେଣ୍ଟ ଏକ୍ସଟରନାଲ୍ ରୁପି ଆକାଉଣ୍ଟ ବା ଏନ୍‌ଆରଇ (ଆର୍‌ଏ) । ତଥ୍ୟ ଅନୁଯାୟୀ, ଏପ୍ରିଲରେ ୫୮୩ ମିଲିୟନ ଡଲାରର ଡିପୋଜିଟ୍ ଏନ୍‌ଆର୍‌ଇ (ଆର୍‌ଏ) ଅନୁଯାୟୀ ଆସିଛି, ଯେତେବେଳେକି ଏଫ୍‌ସିଏନ୍‌ଆର୍(ବି)ରେ ଏନ୍‌ଆର୍‌ଆଇ ଦ୍ୱାରା ୪୮୩ ମିଲିୟନ୍ ଡଲାର ଜମା କରିଛନ୍ତି । ଏଫ୍‌ସିଏନ୍‌ଆର୍(ବି) ଆକାଉଣ୍ଟକୁ ସେତେବେଳେ ଲାଭଦାୟକ ବୋଲି ଧରାଯାଏ, ଯେତେବେଳେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଥାଏ ।

# ଶୋଇଥିବା ବେଳେ ମହିଳାଙ୍କୁ ଗଳାକାଟି ହତ୍ୟା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ବାସୁଦେବପୁର ଥାନା ଅଧୀନସ୍ଥ ଶୁକଦେଇପୁର ଗ୍ରାମରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କ ଗଳାକାଟି ହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଶୁକଦେବପୁର ଗ୍ରାମର ରବିନ୍ଦ୍ର ବେହେରା ନିଜ ପରିବାରର ଭରଣପୋଷଣ ପାଇଁ ଦୀର୍ଘବର୍ଷ ହେଲା ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ ଚାକିରୀ ଥିବାବେଳେ ପତ୍ନୀ ସସ୍ମିତା ଓ ୧୩ ବର୍ଷର କନ୍ୟା ଗାଁରେ ରହିଆସୁଥିଲେ । ଗୁରୁବାର ରାତିରେ ସସ୍ମିତା ଓ ତାଙ୍କ କନ୍ୟା ଶୋଇଥିବା ଅବସ୍ଥାରେ ରାତି ପ୍ରାୟ ୧ଟା ସମୟରେ ସସ୍ମିତା ତଣ୍ଟି ପୋଡାଜଳା କରୁଥିବାର କହି ଝିଅକୁ ଡାକିଥିଲେ । ଝିଅ ନିଦରୁ ଉଠି ମା' ବେକରୁ ରକ୍ତ ବୋହି ଚାଲିଥିବାର ଦେଖିଥିଲା । ସେହି ସମୟରେ କେହି ଜଣେ ଦୁର୍ବୃତ୍ତ ମୁହଁରେ ନାଲି ଗାମୁଛା ଗୁଡାଇ କବାଟ ଖୋଲି ବାହାରକୁ ଚାଲିଯିବା ବିଷୟ ପୋଲିସ୍ ଆଗରେ କହିଛି । ଝିଅଟିର ଡାକ ଶୁଣି ପାଖ ପଡୋଶୀମାନେ ସସ୍ମିତାକୁ ସଂଗେ ସଂଗେ ବାସୁଦେବପୁର ଡାକ୍ତରଖାନା ଆଣିଥିଲେ ମଧ୍ୟ ସେଠାରେ ଶୁକ୍ରବାର ସକାଳ ୯.୩୦ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବିଷୟ ଥାନାଧିକାରୀ ଲୋପାମୁଦ୍ରା ନାୟକ ଗଣମାଧ୍ୟମକୁ କହିଛନ୍ତି । ତେବେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଏହି ହତ୍ୟାକାଣ୍ଡକୁ ନେଇ ଥାନାରେ କେଶ୍ ନଂ ୪୪୭/୨୪ରେ ଏକ ହତ୍ୟା ମାମଲା ରୁଜୁ ହୋଇ ନାଲିଗାମୁଛା ଘୋଡେଇ ହୋଇଥିବା ଯୁବକ ଜଣକ କିଏ ଓ କାହିଁକି ବେକ କାଟି ହତ୍ୟା କରିଥିବା ବିଷୟରେ ତଦନ୍ତ ଚାଲୁରହିଛି ।

# ଅଗଷ୍ଟ ୯ରେ ଓଟିଇଟି ପରୀକ୍ଷା:ଜୁନ୍ ୨୪ରୁ ଆବେଦନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅସନ୍ତା ୨୪ ତାରିଖରୁ ଆବେଦନ ଆରମ୍ଭ ହେଉଥିବା ବେଳେ ଅଗଷ୍ଟ ୯ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ । ବିଜ୍ଞପ୍ତି ଅନୁଯାୟୀ, ଓଟିଇଟି ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜୁନ୍ ୨୪ ତାରିଖରୁ ଆରମ୍ଭ ହେବ । ଆଶାୟୀ ପ୍ରାର୍ଥୀମାନେ ବୋର୍ଡ ଓ୍ୱେବ୍‌ସାଇଟ୍ www.bseodisha.ac.inରେ ଜୁଲାଇ ୫ ତାରିଖ ମଧ୍ୟରାତ୍ରି ଯାଏଁ ଆବେଦନ କରିପାରିବେ । ଆବଶ୍ୟକ ଫି ଜୁଲାଇ ୬ ତାରିଖ ରାତି ୧୧.୪୫ ସୁଦ୍ଧା ଦାଖଲ କରିବାକୁ ହେବ । ଅଗଷ୍ଟ ୨ରେ ପରୀକ୍ଷାର୍ଥୀମାନଙ୍କୁ ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ପ୍ରଦାନ କରାଯିବ । ଅଗଷ୍ଟ ୯ ତାରିଖ ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ନ ୨ଟାରୁ ସାଢ଼େ ୪ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ । କୌଣସି ପରିସ୍ଥିତିରେ ମଧ୍ୟ ଆବେଦନର ଅନ୍ତିମ ତାରିଖ ଘୁଞ୍ଚିଯିବ । ନାହିଁ ବୋଲି ବୋର୍ଡ ସ୍ପଷ୍ଟ କରିଛି । ଆବେଦନକାରୀମାନେ ଅନ୍‌ଲାଇନ୍ ଫର୍ମ ପୂରଣ ବେଳେ ସଚେତନ ହୋଇ ଫର୍ମ ପୂରଣ କରିବେ । ଅନ୍ୟଥା ପରବର୍ତ୍ତୀ ସମୟରେ ଆଉ ପରିବର୍ତ୍ତନ କରାଯାଇପାରିବନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

# ବସ୍ ଚଳାଚଳ ସମୟକୁ ନେଇ ହଣାକଟା:୬ ଗୁରୁତର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବସ୍ ଚଳାଚଳ ସମୟକୁ ନେଇ ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ଗୋଷ୍ଠୀ ସଂଘର୍ଷ ଘଟିଛି । ଗୋଟିଏ ଗୋଷ୍ଠୀ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଅନ୍ୟ ଗୋଷ୍ଠୀର ୬ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ସେମାନଙ୍କୁ ସ୍ଥାନୀୟ ପିଆରଏମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଅପରପକ୍ଷେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ବୋଲି ବାରିପଦା ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ଦାଶ ଚେତାବନୀ ଦେଇଛନ୍ତି । ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଅଟକ ରଖିଛି । ଉତ୍ତେଜନା ଲାଗି ରହିଥିବାରୁ ବସ୍‌ଷ୍ଟାଣ୍ଡରେ ପୁଲିସ ଫୋର୍ସ ମୁତୟନ କରାଯାଇଛି । ସୂଚନାନୁଯାୟୀ, ରାଇରଙ୍ଗପୁରରୁ ବ୍ରହ୍ମପୁର ଯାଉଥିବା ମା' ଦୁର୍ଗା ନାମକ ଘରୋଇ ବସ୍ ଚଳାଚଳ ସମୟକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଉକ୍ତ ବସ୍‌ଟି ରାଇରଙ୍ଗପୁରରୁ ଆସୁଥିବା ବେଳେ ସଠିକ୍ ସମୟ ଅନୁସାରେ ବାରିପଦା ବସ୍‌ଷ୍ଟାଣ୍ଡରୁ ଚଳାଚଳ କରୁନଥିଲା । ଶୁକ୍ରବାର ସନ୍ଧ୍ୟାରେ ବସ୍‌ଟି ଆସି ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ବସ୍ ମାଲିକ ସଂଘ ଓ ବସ୍ ମାଲିକଙ୍କ ମଧ୍ୟରେ ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା । ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା । କିଛି ଅସାମାଜିକ ଯୁବକ ଖଣ୍ଡା ଓ ଭୁଜାଲି ଆଦି ମାରଣାସ୍ତ୍ର କରି ବସ୍ ମାଲିକମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଏଥିରେ ୬ରୁ ଊର୍ଦ୍ଧ୍ୱ ବସ୍ ମାଲିକ ଆହତ ହୋଇଛନ୍ତି । ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ପିଆରଏମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ବସ୍ ମାଲିକ ତପନ କୁମାର ପୃଷ୍ଟି, ଶୀତିକଣ୍ଠ ନାୟକଙ୍କ ଅବସ୍ଥା ଗୁରୁତର ରହିଛି । ଦୁହିଁଙ୍କୁ କଟକ ଏସ୍‌ସିବି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି ।

# ବସୁଧା ଯୋଜନା ଅପହଞ୍ଚ:ଚୂଆ ପାଣି ଭରସାରେ ଦୁବୁନା ଗ୍ରାମବାସୀ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କର ବସୁଧା ଯୋଜନା ବିଭିନ୍ନ ସ୍ଥାନରେ ଫେଲ୍ ମାରିଛି । ଏବେବି ସ୍ଥାନୀୟ ବାସିନ୍ଦା ପିଇବା ପାଣି ଟୋପାଏ ପାଇଁ ନିକଟସ୍ଥ ଝରଣା ଏବଂ ଚୂଆ ଖୋଳି ଏହି ପାଣି ଉପରେ ନିର୍ଭରଶୀଳ । ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁଁ ଏହି ଯୋଜନା ବିଫଳ ହେବାରେ ଲାଗିଛି । ଯୋଡା ବ୍ଲକ ବଡକାଳିମାଟି ପଞ୍ଚାୟତ ଅନ୍ତର୍ଗତ ଦୁବୁନା ଓଏମ୍‌ସି କଲୋନୀରେ ୩ ଶହ ପରିବାର ବସବାସ କରିଥାନ୍ତି । ୨ ବର୍ଷ ହେବ ଏହି କଲୋନୀକୁ ବସୁଧା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ବୈତରଣୀ ନଦୀରୁ ଜଳ ଉଠାଯାଇ କାଳିମାଟି ଠାରେ ବିଶୋଧନ କରାଯିବା ସହ ବେଲଦା ଠାରେ ଏହି ବସୁଧା ଯୋଜନାରେ ଏକ ଟାଙ୍କି ନିର୍ମାଣ କରାଯାଇଛି । ସେହି ଜଳକୁ ଏହି ଦୁବୁନା କଲୋନୀକୁ ଯୋଗାଇ ଦିଆଯାଇଥିଲା । ବାମେବାରି-ପଳାସପଙ୍ଗା ରାସ୍ତା ନିର୍ମାଣ ସମୟରେ ଏହି ପାଇପ୍‌କୁ ନିର୍ମାଣ ଠିକା ସଂସ୍ଥା ଭାଙ୍ଗି ଦେବା ପରେ ଜଳ ଯୋଗଣାରେ ବ୍ୟାଘାତ ସୃଷ୍ଟି ହୋଇଛି । ଦୀର୍ଘ ମାସ ଧରି ଏହା ମରାମତି କରାଯାଇନଥିବାରୁ ଲୋକେ ପିଇବା ପାଣି ଟୋପାଏ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ହାଣ୍ଡିଭଙ୍ଗା ଜଳ ପ୍ରପାତଟି ନିକଟସ୍ଥ ଗ୍ରାମଦେଇ ପ୍ରବାହିତ ହେଉଥିବା ବେଳେ ଏହି ନାଳର ଜଳକୁ ସ୍ନାନ, ଶୌଚାଦି କର୍ମ ପାଇଁ ସେମାନେ ବ୍ୟବହାର କରୁଥିବା ବେଳେ ଏହାର ନିକଟରେ ଚୂଆ ଖୋଳି ଏହାର ଜଳକୁ ପାନୀୟ ଜଳ ଭାବେ ସେମାନେ ବ୍ୟବହାର କରିଆସୁଛନ୍ତି । ଏହି ଜଳ ସଂଗ୍ରହ କରିବା ପାଇଁ ସ୍ଥାନୀୟ ମହିଳାମାନଙ୍କୁ ପ୍ରାୟ ୧ କିମି ଦୂର ଯିବାକୁ ପଡୁଛି । ୨୦୧୭-୨୦୧୮ ଆର୍ଥିକ ବର୍ଷରେ ଓ ଏମ୍ଏଡସି ପକ୍ଷରୁ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପଟିକୁ ୧୯୪.୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା । ଏହାକୁ ହାଇଦ୍ରାବାଦର ଏନ୍‌ସିସି ଲିଃ ନାମକ ଏକ ଠିକା ସଂସ୍ଥା ନିର୍ମାଣ କରିଥିଲା । ଏଥିରେ ଯୋଡା ଏବଂ ଝୁମ୍ପୁରାର ୧୧୫ଟି ଗ୍ରାମ ପାନୀୟ ଜଳ ନିମନ୍ତେ ଉପକୃତ ହୋଇପାରିବେ ବୋଲି ଜଣାପଡିଥିଲା । ଏହାର ୫ ବର୍ଷର ରକ୍ଷଣା ବେକ୍ଷଣ ଦାୟିତ୍ୱ ମଧ୍ୟ ଏହି ଠିକା ସଂସ୍ଥା ସହିତ ଚୁକ୍ତି କରାଯାଇଥିବା ବେଳେ ଦୀର୍ଘ ଦିନ ଧରି ଏହା ଅଚଳ ହୋଇପଡିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଯୋଡା ବ୍ଲକରେ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ବାସିନ୍ଦାମାନେ କୌଣସି ସୁଫଳ ପାଇପାରୁନାହାନ୍ତି । ଯୋଡା ବ୍ଲକ ଉନ୍ନୟନ ଅଧିକାରିଣୀ ଜଣଙ୍କ ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ସରକାରଙ୍କ ଦୁଆର ମୁହଁରେ ପାନୀୟ ଜଳ ଯୋଗାଣ ଏବଂ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ଖଣି ଅଞ୍ଚଳରେ ବିଫଳ ହେଉଥିବା ଦେଖିବାକୁ ମିଳୁଛି ।



# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ ବୃ / ଲ ବୁ ଶୁ ର | ୧୧ ମ | ରା ୧୦ / ଶ ୯ |
| ୨ | ୨୦ / ୯ | ୮ |
| ୩ / ୪ କେ | ୫ | ୭ / ଚ ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୩।୬।୨୦୨୪, ଆଷାଢ଼ ଦି୯ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୦୫।୦୯।୨୨ **ଚନ୍ଦ୍ରୋଦୟ-** ରାଘ ୦୭।୫୯।୫୩

**ପ୍ରତିପଦ-** ପ୍ରାଘ ୫।୧୩ ପର୍ଯ୍ୟନ୍ତ। **ଦ୍ୱିତୀୟା କ୍ଷ:-** ରାଘ ୩।୨୬ ପର୍ଯ୍ୟନ୍ତ। ପୂର୍ବାଷାଢ଼ା ନକ୍ଷତ୍ର- ସଂଘ ୫।୦୪ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୧୦।୪୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୧୦।୪୭ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୧୦।୪୭ ଗତେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ପ୍ରାଘ ୫।୧୩ ପରେ ବୋଇତି କଖାରୁ ରାଘ ୩।୨୬ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୯ ଗତେ ଘ ୯।୩୭ ମଧ୍ୟେ । ଦିଘ ୧।୨୮ ଗତେ ଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ଶରଣ ପଞ୍ଚକାରମ୍ଭ, ଅଲାରନାଥ ଦର୍ଶନାରମ୍ଭ ।

**ମେଷ:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଅଟକି ରହିଥିବା କାମ ଆରମ୍ଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଶରୀର ସୁସ୍ଥ ରହିବ ।

**ବୃଷ:** ଧର୍ମ ମାର୍ଗରେ ମନୋନିବେଶ କରିବେ । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ରୋଜଗାରରେ ଉନ୍ନତି ଦେଖାଦେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ ସୁଖୀ ହେବେ ।

**ମିଥୁନ:** ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ଶୁଭ ଖବରପାଇ ଆନନ୍ଦିତ ହୋଇପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଦୂରକୁ ଯାତ୍ରା କରିପାରନ୍ତି ।

**କର୍କଟ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।

**ସିଂହ:** ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଦେହ ଓ ମନ ଭଲ ରହିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ଘରେ ଆନନ୍ଦ ଦେଖାଦେବ ।

**କନ୍ୟା:** ଯଶସ୍ୱୀ ହେବେ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।

**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଶ୍ରେୟସ୍କର । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**ବିଛା:** ବିବାଦୀୟ ଘଟଣାରେ ଦୂରେଇ ରହିବେ । କର୍ମକ୍ଷେତ୍ରରେ ଭଲ କଥା କହିଲେ ମଧ୍ୟ ସହକର୍ମୀ ମାନେ ଭୁଲ୍ ବୁଝିପାରନ୍ତି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଅଶାନ୍ତି ଓ କଳହ ଦେଖାଦେବ ।

**ଧନୁ:** ମାନସିକ ସ୍ଥିତି ସୁଦୃଢ଼ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ଆୟରେ ଉନ୍ନତି ଦେଖାଦେବ । ହଠାତ୍ କୌଣସି ଶୁଭ ଖବର ପାଇପାରନ୍ତି ।

**ମକର:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଦୂରଯାତ୍ରା କରିପାରନ୍ତି । କଚେରି ମାମଲାରେ ସୁଫଳ ପାଇବେ । ଆୟ ଭଲ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।

**କୁମ୍ଭ:** ସତ କଥା କହି ଆପଣାର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ବ୍ୟବସାୟ କ୍ଷତିରେ ଚାଲିବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେବାର ସୂଚନା ।

**ମୀନ:** ଦୁଃସାହିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆର୍ଥିକ ସ୍ଥିତି ଭଲ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି । ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ହୋଇପାରେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

# ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟ ଗଲେ ଦିଲୀପ ରାୟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ବିଜେଡି ବିଧାୟକ ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟ ଯାଇଛନ୍ତି ବରିଷ୍ଠ ବିଜେପି ନେତା ଦିଲୀପ ରାୟ। ସାରଦାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଦିଲୀପ ମାମଲା ଦାୟର କରିଛନ୍ତି। ଦିଲୀପ ଅଭିଯୋଗ କରିଛନ୍ତି ଯେ ନାମାଙ୍କନ ଦାଖଲ ବେଳେ ସାରଦା ମିଥ୍ୟା ସତ୍ୟପାଠ ଦେଇଛନ୍ତି। ସାରଦାଙ୍କ ନାଁରେ ଅପରାଧିକ ମାମଲା ଥିବାବେଳେ ସତ୍ୟପାଠରେ ସେ ଲୁଚାଇଥିଲେ। ଏହାସହ ସାରଦା ନାୟକ ନିଜର ଅସ୍ଥାବର ସମ୍ପତ୍ତି ତଥ୍ୟ ମଧ୍ୟ ଲୁଚାଇଥିବାରୁ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି ଦିଲୀପ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୪।୬।୨୦୨୪, ଆଷାଢ଼ ଦି୧୦ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୦୫।୦୯।୩୬ **ଚନ୍ଦ୍ରୋଦୟ-** ରାଘ ୦୮।୫୨।୦୬

**ତୃତୀୟା-** ରାଘ ୧।୨୪ ପର୍ଯ୍ୟନ୍ତ। **ଉତ୍ତରାଷାଢ଼ା ନକ୍ଷତ୍ର-** ଦିଘ ୩।୫୩ ପର୍ଯ୍ୟନ୍ତ। **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧।୨୪ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୪ ଗତେ ଘ ୧୦।୩୦ ମଧ୍ୟେ । ରାଘ ୯।୧୮ ଗତେ ଘ ୧୦।୨୮ ମଧ୍ୟେ।

# ଅଷ୍ଟ୍ରେଲିଆରେ ଦୁଇ ବର୍ଷ ନିମ୍ନ ସ୍ତରକୁ ଖସିଆସିଲା ସେୟାର ମୂଲ୍ୟ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କେବଳ ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁନାହିଁ, କର୍ପୋରେଟ ଜଗତ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛି । ଷ୍ଟକ ବଜାରରେ ଯେଉଁ କମ୍ପାନିଗୁଡ଼ିକରେ ସେୟାର କାରବାର ହେଉଛି । ସେମାନେ ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣାରେ ପ୍ରଭାବିତ ହେଉଛନ୍ତି । ଚଳିତ ବର୍ଷ ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବ ବୋଲି ଆଶଙ୍କା କରାଯାଉଥିବା ଖବର ବିଭିନ୍ନ କଂପାନିର ସେୟାର ଉପରେ ଚାପ ସୃଷ୍ଟି କଲାଣି । ବିଶେଷ କରି କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରରେ କାରବାର କରୁଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ଚାପରେ ରହିଛି ।

ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣା ପାଇଁ ଭାରତ ସମେତ ଏସିଆର ବିଭିନ୍ନ ଦେଶରେ କଂପାନିର ସେୟାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ଅଷ୍ଟ୍ରେଲିଆରେ ଏକ କଂପାନିର ଖଣି ବନ୍ଦ ରହିବାରୁ ତାହାର ସେୟାର ମୂଲ୍ୟ ଦୁଇ ବର୍ଷ ନିମ୍ନ ସ୍ତରକୁ ଖସିଆସିଛି । ସେଠାରେ ପ୍ରବଳ ବର୍ଷା ଓ ବନ୍ୟା ହେବାରୁ ଖଣି କାର୍ଯ୍ୟ ବନ୍ଦ କରିବାକୁ କଂପାନି ବାଧ୍ୟ ହୋଇଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କିଛି କଂପାନିର ସେୟାରକୁ ବଢ଼ାଇବାରେ ମଧ୍ୟ ସହାୟକ ହୋଇଛି ।

ଭାରତରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥିବାରୁ ଦୁଗ୍ଧଜାତ ଉତ୍ପାଦ କାରବାର କରୁଥିବା କଂପାନିଗୁଡ଼ିକର ସେୟାର ମୂଲ୍ୟ ବଢୁଛି । ଏଲ୍-ନିନୋ ପ୍ରଭାବ ରହିଲେ ଭାରତରେ ଟ୍ରାକ୍ଟର ଓ ଦୁଇଚକିଆ ଯାନ ବିକ୍ରି ପ୍ରଭାବିତ ହେବାର ଆଶଙ୍କା ରହିଛି । ଏସିଆର ଜଳବାୟୁରେ ହଠାତ୍ ଏଭଳି କିଛି ପରିବର୍ତ୍ତନ ଘଟୁଛି । ଯାହାକୁ ପୂର୍ବରୁ ଆକଳନ କରାଯାଇପାରୁନାହିଁ । ଅନେକ କମ୍ପାନି ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି । ସେମାନେ ଗୋଟିଏ ଯୋଜନା ରଖି କାମ କରୁଥିବା ବେଳେ ପାଣିପାଗ ପରିବର୍ତ୍ତନ ଓ ସେ ସମ୍ପର୍କିତ ବିଭିନ୍ନ ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଯୋଜନା ବିଫଳ ହେଉଛି । ତେଣୁ ବ୍ୟବସାୟ ରଣନୀତି ପ୍ରସ୍ତୁତ କରିବା ବେଳେ ଅତ୍ୟଧିକ ଜଳବାୟୁ ପରିବର୍ତ୍ତନ ସ୍ଥିତି ବିଚାରକୁ ନେବା ଲାଗି ବିଶେଷଜ୍ଞମାନେ କଂପାନିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ବିଭିନ୍ନ କମ୍ପାନିମାନେ ସେୟାର ନିବେଶ କରୁଥିବା ନିବେଶକମାନେ ମଧ୍ୟ ନିଜ ରଣନୀତି ବଦଳାଇବା ଦରକାର ବୋଲି ବିଶେଷଜ୍ଞମାନେ କହୁଛନ୍ତି ।

# ପତିତପାବନଙ୍କ ସ୍ନାନଯାତ୍ରା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯

ପତିତପାବନ ଶ୍ରୀଜଗନ୍ନାଥ । ଭକ୍ତ - ଭକ୍ତି ଡୋରିରେ ବନ୍ଧା । ଶ୍ରଦ୍ଧାଳୁଟିଏ, ଥାଉ ପଛେ ସହସ୍ର ଯୋଜନ ଦୂରରେ, ପ୍ରଭୁ ଡେରିଥାଆନ୍ତି ଶ୍ରୁତିକୁ । ତା' ଆରତ ଶୁଣନ୍ତି । ଦୁଃଖ ହରନ୍ତି । ସେ ପରା କରୁଣା ସାଗର, ଦୀନବନ୍ଧୁ, ଭାବଗ୍ରାହୀ ! ସଦା ଭାବରେ ବଶ । ସେ ଦାରୁବ୍ରହ୍ମ, ଅସୀମ ତାଙ୍କ ଲୀଳାଖେଳା, ଅଦ୍ଭୁତ ତାଙ୍କ ବିଭୂତି । ତାଙ୍କ ମାୟା ତାଙ୍କୁ ଅଗୋଚର, ବ୍ରହ୍ମା-ଶିବ ବି ଜାଣିପାରି ନାହାନ୍ତି । ଯେ ଯେମିତି ଡାକିଛି, ସେଇ ଭାବେ ପାଇଛି । ଭକ୍ତ-ମନ-ଚାତକ ତୃଷ୍ଣା ମେଣ୍ଟିଛି । ବର୍ଷସାରା ଦାରୁବ୍ରହ୍ମ ରତ୍ନବେଦୀରେ । କେତେ ଭାବ ଲଗେଇଛନ୍ତି ନୀଳକନ୍ଦରରେ । ଏସବୁକୁ ଦେଖିବା ସବୁବର୍ଗର ଭକ୍ତ ପାଇଁ ସମ୍ଭବ ନୁହେଁ । ସର୍ବଧର୍ମ ସମନ୍ୱୟ ପୀଠ ନୀଳାଚଳ ଧାମ; ମାତ୍ର କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ସେମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା । ଅନ୍ତର୍ଯ୍ୟାମୀ, ଭାବ ବିନୋଦିଆ, ବୁଝନ୍ତି ସେଇସବୁ ଭକ୍ତଙ୍କ ମନକଥା । ଓହ୍ଲାଇ ଆସନ୍ତି ରତ୍ନ ସିଂହାସନରୁ ଦେବସ୍ନାନ ପୂର୍ଣ୍ଣିମାରେ । ବିଜେ କରନ୍ତି ସ୍ନାନ ବେଦୀରେ । ସେଠାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ ଅଣସର ପିଣ୍ଡିକୁ । ପନ୍ଦର ଦିନର ଅଣସର (ଅନବସର ବାସ) । ଆସେ ଆଷାଢ଼ ଶୁକ୍ଳ ଦ୍ୱିତୀୟା । ମହାପ୍ରଭୁଙ୍କ ଘୋଷଯାତ୍ରା । ବଡ଼ଦାଣ୍ଡରେ ଗଢ଼େ ତିନିରଥ । ସମଗ୍ର ପୃଥିବୀ ବାସୀ ଆଖିପୂରେଇ ଦେଖନ୍ତି ଶ୍ରୀଜୀଉମାନଙ୍କୁ । ଘୋଷଯାତ୍ରାର ଆଉ ଏକ ବିଶେଷତ୍ୱ । ବିଭିନ୍ନ ପର୍ବପର୍ବାଣିରେ ଶ୍ରୀଜୀଉମାନଙ୍କର ସୁନାବେଶ (ରାଜରାଜେଶ୍ୱର ବେଶ) । ତାହା ସବୁ ବର୍ଗର ଭକ୍ତ ଦେଖି ପାରନ୍ତିନି । ପରମ କାରୁଣିକ କାଳିଆ ସାଆନ୍ତେ । ମହଣ ମହଣ ସୁନାରେ ସୁସଜ୍ଜିତ ତିନି ଦିଅଁ । ଏଇ ବେଶ ବାହୁଡ଼ା ନବମୀରେ ରଥ ଉପରେ । ଭକ୍ତ ମନୋବାଞ୍ଛା ପୂର୍ଣ୍ଣ କରନ୍ତି ମହାବାହୁ । ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା, ତନ୍ମଧ୍ୟରେ ସ୍ନାନ, ଗୁଣ୍ଡିଚା ସ୍ୱତନ୍ତ୍ର । ଏ କଥା ଲେଖିଲେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ - "ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯା'ର / ପତିତ ପାବନ ଅର୍ଥେ ପ୍ରାସାଦୁଁ ବାହାର ।" (କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଜ୍ୟେଷ୍ଠପୂର୍ଣ୍ଣିମା । ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ନାନୋତ୍ସବ । ସ୍ୱୟଂ ଦାରୁବ୍ରହ୍ମଙ୍କର ପହଣ୍ଡି ବିଜେ ସ୍ନାନବେଦୀକୁ । ଶ୍ରୀମନ୍ଦିରରେ ଅନ୍ୟ କେତେକ ଉତ୍ସବ, ନୀତିକାନ୍ତିରେ ଶ୍ରୀଜୀଉଙ୍କ ବିଜେ ପ୍ରତିମା । କେତେକ କ୍ଷେତ୍ରରେ ଚକ୍ରରାଜ ସୁଦର୍ଶନ ବିଜେ କରନ୍ତି; ମାତ୍ର ସ୍ନାନ, ଗୁଣ୍ଡିଚା - ଏ ଯାତ୍ରାରେ ସ୍ୱୟଂ ଚତୁର୍ଦ୍ଧା ମୂର୍ତ୍ତି ବିଜେ କରନ୍ତି । ସ୍ନାନପୂର୍ଣ୍ଣିମା ପୂର୍ବଦିନ, ଅର୍ଥାତ୍ ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ । ଏହି ଦିନଠାରୁ ଦଇତା ସେବକମାନଙ୍କର ସେବା ଆରମ୍ଭ, ଚାଲେ ଦୀର୍ଘ ଏକ ମାସ, ଠାକୁରଙ୍କ ନୀଳାଦ୍ରିବିଜେ ପର୍ଯ୍ୟନ୍ତ । ତ୍ରୟୋଦଶୀ ତିଥିରେ ବଡ଼ସିଂହାର ବେଶ ଶେଷ । ଦଇତାମାନେ ବାହୁଟ କଷ୍ଟ କରନ୍ତି । କୋଠ ସୁଆଁସିଆ ସେବକମାନେ ଚାରମାଳ ବାନ୍ଧନ୍ତି । ତିନି ଦିଅଁଙ୍କୁ ସେନାପଟା ଲାଗି ହୁଏ, ତା' ପରେ ପହୁଡ଼ ଆଳତି । ମଦନମୋହନ, ଲକ୍ଷ୍ମୀଙ୍କର ବିଜେ ଦକ୍ଷିଣ ଗୃହକୁ । ଭୂଦେବୀ, ମାଧବଙ୍କର ବିଜେ ଖଟଶେଯ ଘରକୁ । ତା' ପରଦିନ ପୂର୍ଣ୍ଣିମା । ମହାପ୍ରଭୁଙ୍କ ମହାସ୍ନାନ । ଏ ଦିନର ନୀତି ହେଲା - ମଙ୍ଗଳାର୍ପଣ, ଡୋରଲାଗି, ପୁଷ୍ପାଞ୍ଜଳି, ପହଣ୍ଡି ଆରମ୍ଭ, ପହଣ୍ଡି ଶେଷ, ସ୍ନାନବେଦୀରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ, ବେଶଶେଷ, ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଜଳବିଜେ, ପୂଜା ସହ ସ୍ନାନ । ଛେରା ପହଁରା, ହାତୀବେଶ, ସାହଣମେଲା, ବାହୁଡ଼ା ବିଜେ, ସୁନାଚିତା, ରାହୁରେଖା ମଇଲମ - ଏସବୁ ବିଶେଷ ବିଶେଷ ନୀତିକାନ୍ତି । ପ୍ରାତଃରୁ ଆରମ୍ଭ ହୁଏ ପହଣ୍ଡି ବିଜେ । ଠାକୁରମାନେ ଆସନ୍ତି ଧାଡ଼ି ପହଣ୍ଡିରେ । ଅତ୍ୟନ୍ତ ମନୋରମ ସେଇ ଦୃଶ୍ୟ ।

ଘଣ୍ଟ, ଘଣ୍ଟା, କାହାଳୀର ମଧୁର ଧ୍ୱନି । ପଡୁଛି ଆଲଟ ଚାମର । ଛତାରମାନଙ୍କ ହାତରେ ଛତା । ଆଗରେ ଚକ୍ରରାଜ ସୁଦର୍ଶନ, ପଛକୁ ପଛ ବଳଭଦ୍ର, ମାତା ସୁଭଦ୍ରା । ସର୍ବ ପଶ୍ଚାତରେ କାଳିଆ ଆସନ୍ତି ହଲି ହଲି, ଝୁଲି ଝୁଲି । ଏମିତି ଧାଡ଼ି ପହଣ୍ଡି । ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ନାନ ବେଦୀରେ ବିଜେ । ସର୍ବଶେଷରେ ମହାଜନମାନେ ବିଜେ କରାନ୍ତି ମଦନମୋହନଙ୍କୁ । ଶ୍ରୀମଦନମୋହନ ପହଣ୍ଡି ବିଜେ ହୁଏ ନାହିଁ । ବିଜେ ସମୟର ଅନନ୍ୟ ଦୃଶ୍ୟ । ଶ୍ରୀଜୀଉଙ୍କ ମସ୍ତକ ଟାହିଆ । ସାତ ପାହାଚଠାରେ ଲାଗି ହୁଏ । ଯୋଗାଇ ଥାଆନ୍ତି ରାଘବ ଦାସ ମଠ । ଶ୍ରୀଜୀଉମାନେ ସ୍ନାନବେଦୀରେ । ଆରମ୍ଭ ହେବ ମହାସ୍ନାନ । ବଡ଼ଦେଉଳ ଉତ୍ତର ଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀଙ୍କ ମନ୍ଦିର । ସନ୍ନିକଟରେ ସୁନାକୂଅ (ଶୀତଳାଙ୍କ କୂଅ) । ବର୍ଷସାରା ଏ କୂଅ ଅବ୍ୟବହୃତ । ଜ୍ୟେଷ୍ଠ ଶୁକ୍ଳ ଦଶମୀଠାରୁ ଭାରତବର୍ଷର ସକଳ ତୀର୍ଥ । ସବୁର ସମାଗତ ହୁଏ ସୁନାକୂଅରେ । ପୂର୍ଣ୍ଣିମା ଦିନ ୧୦୮ ନୂତନ କୁମ୍ଭରେ ଏହି କୂଅରୁ ଜଳ ଆସେ । ବଡ଼ ସେବକମାନେ ଏଇ ଜଳ ଆଣନ୍ତି । ମୁଦିରଥ, ସୁନା ଗୋସେଇଁ, ଜଳ ଅଧିବାସ କରି ରଖିଥାଆନ୍ତି । ଚୂଆ-କର୍ପୂର-ଚନ୍ଦନ ଆଦି ମିଶ୍ରିତ ଏଇ ଶୀତଳ ଜଳ । ଦିଅଁମାନେ ସ୍ନାନ କରନ୍ତି । ୧୦୮ କୁମ୍ଭ ମଧ୍ୟରୁ ଶ୍ରୀଜଗନ୍ନାଥ ୩୫ କୁମ୍ଭ, ବଳଭଦ୍ର ୩୩ କୁମ୍ଭ, ସୁଭଦ୍ରା ୨୨ କୁମ୍ଭ ଓ ସୁଦର୍ଶନ ୧୮ କୁମ୍ଭ ଜଳରେ ସ୍ନାନ କରନ୍ତି । ଗରାବଡୁ ସେବକ, ପ୍ରତିଟି କୁମ୍ଭ ଉପରେ ଖଣ୍ଡେ ଖଣ୍ଡେ କରିଆର ଆଉ ଗୋଟିଏ ନାରୀକେଳ । ଆସନ୍ତି ଧାଡ଼ିରେ । ସେମାନଙ୍କ ମୁହଁରେ ମୁହଁବନ୍ଧା । ଆଗରେ ତିଳଛ ମହାପାତ୍ର, ପ୍ରଧାନୀ ସେବକ, ହାତପୈଠ ହୋଇ ଆସନ୍ତି । ଚାରିବାଡ଼ରେ ଜଳଛେକ ବିଜେ ପ୍ରସ୍ତୁତି ଶେଷ । ତିନିଜଣ ପୂଜାପଣ୍ଡା । ଷୋଡ଼ଶ ଉପଚାରରେ ପୂଜା ଚାଲେ । ତା' ପରେ ସ୍ନାନ ପର୍ବ ଆରମ୍ଭ । ତିନିଜଣ ମେକାପ ସେବକଙ୍କ ହାତରେ ରୁପା ପିଙ୍ଗଣ । ସେଥିରେ ଗରାବଡୁ ସେବକ ଜଳ ଢାଳନ୍ତି । ପୂଜାପଣ୍ଡାମାନେ ଉକ୍ତ ଜଳକୁ ଶ୍ରୀଜୀଉଙ୍କୁ ଲାଗି କରନ୍ତି । ହରିବୋଲ ହୁଳହୁଳି ଧ୍ୱନି । ବଡ଼ଦାଣ୍ଡ ପ୍ରକମ୍ପିତ । ଘୋର ଗ୍ରୀଷ୍ମ, ନିଦାଘ କାଳ । ଘର୍ମ ଉପଶମ ଲୋଡ଼ା । ସୁବାସିତ ଶୀତଳ ଜଳ । ଠାକୁରମାନେ ମନଭରି ସ୍ନାନ କରନ୍ତି । ତା' ପରେ ଠାକୁର ରାଜାଙ୍କ ଛେରା-ପହଁରା ନୀତି । ତାଙ୍କ ଅନୁପସ୍ଥିତିରେ ମୁଦିରସ୍ତ ଏ ଦାୟିତ୍ୱ ତୁଲାନ୍ତି । ଆରମ୍ଭ ହୁଏ ଜଗା, ବଳିଆଙ୍କ ହାତୀବେଶ । ଗୋପଳ ତୀର୍ଥ ମଠ, ରାଘବଦାସ ମଠ - ଉଭୟ ହାତୀବେଶ ଉପକରଣ ଯୋଗାଇ ଦିଅନ୍ତି । ସୋଲ, ଜରିଜମ୍ଫୁରା, କଦଳୀପଟରେ ତରାସ ଚୂଳ, କରପଲ୍ଲବ, ପୁଷ୍ପମାଲ୍ୟ ଏସବୁ ମୁଖ୍ୟ ଉପକରଣ । ମସ୍ତକରେ ମୁକୁଟ, ଗଳାରେ ହାର, ହାତୀକର, ଦନ୍ତ ଅନୁରୂପ ଶୋଭା ଗଜାନନ ବେଶରେ ବିଜଡ଼ିତ ।

ସ୍ନାନବେଦୀରେ ମହାପ୍ରଭୁଙ୍କ ହାତୀବେଶ ଅତୀବ ରମଣୀୟ । ସ୍ନାନୋତ୍ସବରେ ଜଗନ୍ନାଥଙ୍କ ଗଣେଶ ବେଶ ଗାଣପତ୍ୟ ସମ୍ପ୍ରଦାୟର ଉତ୍ସବ । ଏଇଟି ସ୍ମାର୍ତ୍ତମତ । ଗଜାନନ ବେଶ ସମ୍ବନ୍ଧୀୟ କିମ୍ବଦନ୍ତୀଟେ । ମହାରାଷ୍ଟ୍ରର ଶ୍ରୀଗଣପତି ଭଟ୍ଟ, ଗଣେଶଙ୍କର ପରମ ଭକ୍ତ । ଆସିଲେ ଶ୍ରୀକ୍ଷେତ୍ର । ଦେଖିବେ ଦାରୁବ୍ରହ୍ମଙ୍କୁ ଗଜାନନ ରୂପେ । ପ୍ରଭୁ ପୂର୍ଣ୍ଣ କଲେ ତାଙ୍କ ମନସ୍କାମନା । ରଖିଲେ ଶ୍ରୀ ଭଟ୍ଟଙ୍କ ମିନତି - "ଆଜହୁଁ ଏ ଦେବ ସ୍ନାନ ଯାତ / ଯେବେ ହୋଇବ ଜଗନ୍ନାଥ / କେବଳ ହସ୍ତୀବେଶ ହୋଇ / ବିଜେ କରିବ ଭାବଗ୍ରାହୀ / ଏତିକି ମାତ୍ର ଆଜ୍ଞା ହେଉ / ଏକଥା ଯୁଗେ ଯୁଗେ ରହିଥାଉ ।" ପ୍ରଭୁ କଲେ ତଥାସ୍ତୁ । ସେଇଦିନୁ ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ହାତୀବେଶ । ବଡ଼ ମନଜିଣା ଏ ଦୃଶ୍ୟ । ଦେବ, ଦାନବ, ନର, କିନ୍ନର - ସମସ୍ତେ ଦେଖନ୍ତି ମହାବିଷ୍ଣୁଙ୍କୁ ଗଜାନନ ବେଶରେ । ଇନ୍ଦ୍ର କରନ୍ତି ପୁଷ୍ପବୃଷ୍ଟି । ଚାଲେ ସାହାଣ ମେଳା ଦର୍ଶନ । ପ୍ରଭୁଙ୍କ ଏ ବେଶର ଆଉ ଏକ ବିଧି । ତିନିବାଡ଼ରେ ଲାଗି କରାଯାଏ ରତ୍ନଚିତା, ସୁବର୍ଣ୍ଣ ବାହୁରେଖା । ହାତୀବେଶ ମଇଲମ ପରେ ଏ ସବୁ ଓଲାଗି ହୁଏ । ପୂର୍ଣ୍ଣିମାର ସମସ୍ତ ପୂଜାବିଧି ଶେଷ । ତା' ପରେ ଚାଲେ ଗୋଟିପହଣ୍ଡି । ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଜେ ଅଣସର ପିଣ୍ଡିକୁ । ସ୍ନାନଯାତ୍ରା ବିଧି ସମାପ୍ତ ।

ମହାପ୍ରଭୁଙ୍କ ଅତ୍ୟଧିକ ସ୍ନାନ । ଏବେ ପୀଡ଼ିତ କମ୍ପଜ୍ୱରରେ । ଲୋଡ଼ା ଉପଚାର । ଏ ସବୁର ବ୍ୟବସ୍ଥା ଅଣସର ଘରେ । ଦିଅଁମାନେ ରହନ୍ତି ଗୋଟିଏ ପକ୍ଷ । ଉକ୍ତ ସମୟ ଠାକୁରଙ୍କ ଅନବସର ବାସ ବା ଅଣସର ବାସ । ଅଣସର ପିଣ୍ଡି ଚାରିପଟେ ବାଉଁଶ ତାଟି । ଠୋକ ସୁଆରାଁସିଆ ସେବକମାନେ ଭିଡ଼ି ଥାଆନ୍ତି । ବାହାରେ ଖଟଟିଏ । ଖଟ ଉପରେ ପଟିଦିଅଁ (ବାସୁଦେବ, ଭୁବନେଶ୍ୱରୀ, ନାରାୟଣ) । ଦକ୍ଷିଣ ଘରୁ ସାତମୂର୍ତ୍ତି ଦେବଦେବୀ ଅଣାଯାଏ । ଦୋଳଗୋବିନ୍ଦ, ରାମ, ନୃସିଂହ ବଡ଼ ବାଡ଼ରେ । ଶ୍ରୀଦେବୀ, ଭୂଦେବୀ ମଝିବାଡ଼ରେ । ମଦନମୋହନ କୃଷ୍ଣ ଜଗନ୍ନାଥଙ୍କ ବାଡ଼ରେ । ଏମାନେ ଖଟ ଉପରେ ବିଜେ କରନ୍ତି । ଏଇ ଦଶ ଦେବଦେବୀ, ଦଶ ଅବତାର ଠାକୁର । ତିନି ପଟିଦିଅଁଙ୍କୁ ତାଟି ଦହିରେ ରୁନ୍ଧାଯାଏ । ଦଶାବତାର ଠାକୁରଙ୍କ ଠାରେ ନିତିଦିନିଆ ନୀତିକାନ୍ତି ସମ୍ପନ୍ନ ହୁଏ । ଅଣସର ଗୃହକୁ କେବଳ ଦଇତାଙ୍କ ସହ ପତି ମହାପାତ୍ରଙ୍କ ପ୍ରବେଶ, ଅନ୍ୟମାନଙ୍କୁ ପ୍ରବେଶ ନିଷେଧ । ଠାକୁରମାନଙ୍କ ପରିଧାନ ଶୁକ୍ଳବସ୍ତ୍ର । ଶୁକ୍ଳଫୁଲ ଲାଗି ହୁଏ । ପତି ମହାପାତ୍ର ପଣାଭୋଗ ଅର୍ପଣ କରନ୍ତି । ଦଶାବତାର ଦିଅଁଙ୍କ ବଡ଼ଶିଙ୍ଗାର ଶେଷ ହୁଏ । ତା' ପରେ ଅଣସର ଦିଅଁଙ୍କ ପାଇଁ ଚକଟା ଭୋଗ । ଏହି ଭୋଗ ଧୁଆମୁଗ, ପଣସ ଇତ୍ୟାଦିରେ ପ୍ରସ୍ତୁତ । ଅଣସର ବାସରେ ଠାକୁରମାନଙ୍କର ପରିଧାନ ଏକ ବସ୍ତ୍ର । ଦଇତାମାନେ ମଧ୍ୟ ଏକ ବସ୍ତ୍ର ପରିଧାନ କରନ୍ତି ।

ଅଣସର ବାସରେ ସ୍ୱତନ୍ତ୍ର ବ୍ୟବସ୍ଥା । ଦ୍ୱିତୀୟ ଦିନ ସ୍ନାନଯାତ୍ରା ପହଣ୍ଡି ବସ୍ତ୍ର ଉତ୍ତରାଯାଏ । ଚତୁର୍ଥ ଦିନ ଶ୍ରୀଅଙ୍ଗ ଫିଟା ନୀତି । ମୁଖ୍ୟତଃ ଶ୍ରୀମୁଖ, ଶ୍ରୀଅଙ୍ଗ ଖୋଲାଯାଏ । ପଞ୍ଚମ ଦିନ 'ଫୁଲୁରି ଲାଗି' । ରାଶିତେଲ, ଚୁଆ, କର୍ପୂରରେ ଫୁଲୁରି ପ୍ରସ୍ତୁତ । ତିଆରି କରନ୍ତି ଦଇତାମାନେ । ଷଷ୍ଠୀରୁ ନବମୀ ଯାଏ 'ଓଷୁଅ ଲାଗି' ବିଧି । ଅଣସର ସୁଧ ସୁଆର ଝୁଣାବାଟି ଓଷୁଅ ପ୍ରସ୍ତୁତ କରିଥାଆନ୍ତି । ଦଶମୀଦିନ 'ଚକାବଇଠି' ନୀତି । ଏକାଦଶୀରେ ଚନ୍ଦନ ସହିତ ବଟା କର୍ପୂର କେଶର ଠାକୁରଙ୍କୁ ଲାଗିକରାଯାଏ । ଶ୍ରୀଜୀଉମାନେ ଅସୁସ୍ଥ । ପୂର୍ଣ୍ଣ ବିଶ୍ରାମ ଲୋଡ଼ା । ସେଇଥି ପାଇଁ ଶ୍ରୀମନ୍ଦିର ସମ୍ପୂର୍ଣ୍ଣ ନିରବ । ମାତ୍ର ଅଣସର ବାସର ଏକାଦଶ ଦିନ । ବାଜେ ଘଣ୍ଟ, ଘଣ୍ଟା, କାହାଳୀ । ଅଣସର ବାସରେ ପତି ମହାପାତ୍ର ସର୍ପାମଣୋହି କରି ପୂଜା କରନ୍ତି । ଏହି ପୂଜାରେ ଘଣ୍ଟି, ଶଙ୍ଖ, ପିଢ଼ା, ଥାଳି ଆଦିର ବ୍ୟବହାର ନିଷେଧ । ଦ୍ୱାଦଶୀ ଦିନ ରାଜପ୍ରସାଦ ନୀତି । ତ୍ରୟୋଦଶୀ ଦିନ 'ଘଣାଲାଗି ନୀତି' । ଶ୍ରୀପୟର ପୂଜା ହୁଏ । ମହାପ୍ରଭୁଙ୍କୁ ପାଟ ଡୋର, ଖଳିପ୍ରସାଦ ଆଉ ଖଡ଼ିପ୍ରସାଦ ଲାଗି କରାଯାଏ । ସେଇ ତ୍ରୟୋଦଶୀରେ 'ଶ୍ରୀମୁଖ ଓତା' ନୀତି । ଚତୁର୍ଦ୍ଦଶୀରେ ପତ୍ରି ମହାପାତ୍ର ଶ୍ରୀଜୀଉଙ୍କୁ ବନକ ଲାଗି କରନ୍ତି । ତା' ପରେ ହୁଏ ଚକା ଅଣସର ଲାଗି । ଦଶାବତାରଙ୍କ ଠାରେ ଆଳତି, ଅବକାଶ ନୀତି ସମାପ୍ତ ହୁଏ । ତା' ପରେ ପାଞ୍ଚ ମୂର୍ତ୍ତି ଦକ୍ଷିଣ ଘରକୁ । ଶ୍ରୀଦେବୀ, ଭୂଦେବୀ ଖଟ ଶେଯଘର, ପଟିଦିଅଁଙ୍କ ବିମଳା ମନ୍ଦିର ନିକଟସ୍ଥ ମଣ୍ଡଣି ଘରକୁ ବିଜେ । ମହାଜନମାନେ ଏ କାର୍ଯ୍ୟ ସମ୍ପନ୍ନ କରନ୍ତି । ଆସେ ଅମାବାସ୍ୟା ସକାଳ, ଏ ଦିନ ନବଯୌବନ ଦର୍ଶନ । ଏଇ ଦିନରେ ଏକ ବିଶିଷ୍ଟ ନୀତି 'ନେତ୍ରୋତ୍ସବ' । ପତି ମହାପାତ୍ରଙ୍କ ଦ୍ୱାରା ସଂସ୍କାରିତ ଚନ୍ଦନ, ଦଇତାପତିମାନେ ତାହା ଲାଗି କରନ୍ତି । ତା' ପରେ ମଇଲମ ନୀତି । ତିନି ଠାକୁରଙ୍କୁ ନ' ଖଣ୍ଡ, ସୁଦର୍ଶନଙ୍କୁ ଖଣ୍ଡେ, ବୋଇରାଣୀ ବସ୍ତ୍ର ଲାଗିହୁଏ । ଦତ୍ତମହାପାତ୍ରଙ୍କ ଅକ୍ଷତ, କର୍ପୂର ଆଳତି, ସାତବତୀ, ସଞ୍ଜ କାହାଳୀ ବନ୍ଦାପନା ସରେ । ତିନୋଟି ରୁପା ବଟାରେ ପ୍ରସ୍ତୁତ ଥାଏ କଳା । ତିନିଜଣ ଦତ୍ତ ମହାପାତ୍ର ତାହା ସହିତ ତିନିଟି କାଠି ତିନି ପୂଜା ପଣ୍ଡାଙ୍କୁ ପ୍ରଦାନ କରନ୍ତି । ପୂଜାପଣ୍ଡା ଶ୍ରୀନେତ୍ର ଲାଗି କରନ୍ତି । ଏହା ଜୀଉମାନଙ୍କର ନେତ୍ରୋତ୍ସବ । ଏ ଦିନ ଚନ୍ଦନ ଲାଗି ବା ସର୍ବାଙ୍ଗ ନୀତି । ସର୍ବାଙ୍ଗ ପରେ ଠାକୁରମାନଙ୍କର ବେଶଲାଗି ନୀତି । ପରବର୍ତ୍ତୀ ନୀତିକାନ୍ତି ଘୋଷଯାତ୍ରାର ଆନୁସଙ୍ଗିକ ବିଧିବିଧାନ । ଅଣସର ବିଧିବିଧାନ, ଶ୍ରୀଜୀଉମାନଙ୍କର ମାନବୀୟ ଲୀଳାର ଅଂଶବିଶେଷ ।

ପ୍ରଭୁଙ୍କ ଅଣସର ବାସକୁ ନେଇ ପୌରାଣିକ ତଥ୍ୟଟେ । ସୃଷ୍ଟି ଆରମ୍ଭ କଥା । ନୀଳ ସୁନ୍ଦର ପର୍ବତ । ଅବସ୍ଥିତ ସମୁଦ୍ରକୂଳ ଗୋଟେ ଟାପୁରେ । ନଦୀ, ସମୁଦ୍ର ବେଷ୍ଟିତ ଏଇ ଟାପୁ ଅତୀବ ସୁନ୍ଦର । ସାଗର ମନ୍ଥନରୁ ମହାଲକ୍ଷ୍ମୀ ଉଦ୍‌ଭବ ହେଲେ; ମାତ୍ର ଏହାର ବହୁ ପୂର୍ବ ପ୍ରସଙ୍ଗ । ତାଙ୍କର ଅଗ୍ରଜା ଅଲକ୍ଷ୍ମୀଙ୍କର ଆବିର୍ଭାବ । ବିଷ୍ଣୁ ଯୋଗ୍ୟ ସେଇ ଦେବଭୂମି । ଅକ୍ତିଆର କରିନେଲେ ଅଲକ୍ଷ୍ମୀ । ତାଙ୍କ କବଳରୁ ଦେବଭୂମି ମୁକ୍ତ ହେବା ଆବଶ୍ୟକ । ଏଥି ପାଇଁ ଦେବତାମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ବିଷ୍ଣୁ ସମସ୍ୟା ସମାଧାନ କଲେ । ଅଲକ୍ଷ୍ମୀ ରୂପବତୀ; ମାତ୍ର ଭୟଙ୍କରା । ବିଶାଳା କର୍ଣ୍ଣ, ଉତ୍କଟ ଗର୍ଜନ । ତାଙ୍କ ସ୍ୱର କର୍କଶ । ନିଘଞ୍ଚ ଜଙ୍ଗଲ । ତନ୍ମଧ୍ୟରେ ଏକ ଅଶ୍ୱତ୍ଥ ବୃକ୍ଷ । ତା'ରି ମୂଳରେ ବସିଲେ ଅଲକ୍ଷ୍ମୀ । ଉଦ୍ଦାଳକ ଋଷି ବିବାହ କର୍ମ ସମାପନ କରିବେ । ଆମନ୍ତ୍ରଣ କରିବାକୁ ଗଲେ ବିଷ୍ଣୁ । ବିଷ୍ଣୁଙ୍କ ମାୟା, ଜାଣି ପାରିଲେନି ଅଲକ୍ଷ୍ମୀ । ଉଦ୍ଦାଳକ ମନ୍ତ୍ର ପାଠ କରୁଥାଆନ୍ତି; ମାତ୍ର ଅଲକ୍ଷ୍ମୀଙ୍କ ସହ ଉଦ୍ଦାଳକଙ୍କ ବିବାହ ସମ୍ପନ୍ନ ହେଇଗଲା । ଶେଷରେ ଜାଣିଲେ ଅଲକ୍ଷ୍ମୀ । ତାଙ୍କ ଦେହରେ ଆବେଗମୟ କମ୍ପନ । ସେଇଦିନୁ ବିନା ପବନରେ ଅଶ୍ୱତ୍ଥ ବୃକ୍ଷରେ କମ୍ପନ । ଅଲକ୍ଷ୍ମୀ ଛଳନାକାରୀ ବିଷ୍ଣୁଙ୍କୁ ଦେଲେ ଅଭିଶାପ । ବିବାହର ମିଥ୍ୟା ପ୍ରଲୋଭନରୁ ତାଙ୍କ ଦେହରେ ସୃଷ୍ଟ କମ୍ପନ । ସେଇ କମ୍ପନ ପ୍ରତିବର୍ଷ ବିଷ୍ଣୁ ପାଇବେ । ତାହା ସତ୍ୟ ହେଲା । ପ୍ରଭୁଙ୍କ ରହଣି ଅଣସର ବାସରେ । ଭୁଲ ପାଇଁ ଶାସ୍ତି ଅଛି । ଏଥିରୁ ବି ବିଷ୍ଣୁ ବାଦ୍ ପଡ଼ିନାହାନ୍ତି ।

ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ । ଆସେ ଆଷାଢ଼ ଶୁକ୍ଳ ପୁଷ୍ୟା ନକ୍ଷତ୍ର ଯୁକ୍ତା ଦ୍ୱିତୀୟା ତିଥି । ଅଣସର ପିଣ୍ଡିରୁ ସିଧା ପହଣ୍ଡି ବିଜେ ରଥ ତ୍ରୟୀକୁ । ନବଦିନାତ୍ମକ ଗୁଣ୍ଡିଚା ଯାତ୍ରା ମହାପ୍ରଭୁଙ୍କର - ଶ୍ରୀମନ୍ଦିରରୁ ଯଜ୍ଞବେଦୀ, ପତିତପାବନଙ୍କ ପତିତ ଉଦ୍ଧାର ପାଇଁ ଏଇ ଲୀଳାଖେଳା । ମହାପ୍ରଭୁ ଜଗତବାସୀଙ୍କ କଲ୍ୟାଣ କରନ୍ତୁ । ସେଇ ନୀଳାଚଳିଆଙ୍କ ପଦତଳେ କୋଟି ପ୍ରଣତି -

**"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ।
ଜଗଦାନନ୍ଦକନ୍ଦାୟ ପ୍ରଣତାର୍ତ୍ତି ହରାୟ ଚ
ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ ।"**

# ଆସ ଆମେ ଗଛ ସହ ବନ୍ଧୁ ହେବା



ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ମୋ-୮୧୪୪୮ ୭୦୭୨୯

ଆସ ଆମେ ଗଛ ସହ ବନ୍ଧୁ ହେବା । ଗଛକୁ ପରିବାରର ଏକ ସଦସ୍ୟ କରିବା । ସକାଳୁ ସଞ୍ଜରେ ତାହା ସହ ବସି କଥା ହେବା । ବନ୍ଧୁ ଠାରୁ ବଳି ମିତ୍ର ନାହାଁନ୍ତି । ବନ୍ଧୁ ହିଁ ସବୁ ସମୟରେ ସାଥିରେ ଥାନ୍ତି । ସେ ସୁଖରେ ବି ଓ ଦୁଃଖରେ ବି ଥାନ୍ତି । ଛାଇ ପରି ପାଖରେ ପାଖରେ ରହି ହାତ ବଢାଇ ଥାନ୍ତି । ପ୍ରକୃତରେ ଆମ ଜୀବନକୁ ସରସ ସୁନ୍ଦର କରି ଗଢି ଉଠିବାରେ ଗଛର ଅବଦାନ ସବୁଠାରୁ ଶ୍ରେଷ୍ଠ ଅଟେ । ଅତଏବ ଆମକୁ ବୁଝିବାକୁ ହେବ ତାହାହେଲେ ଆମର ପ୍ରକୃତ ବନ୍ଧୁ କିଏ । ଏଣୁ ଆମର ଗୃହରେ, ଗାଁରେ, ସହରରେ ଏପରିକି, ଗାଁର ବିଦ୍ୟାଳୟ ପରିସରରେ, ମନ୍ଦିର ପୀଠରେ, ନଦୀପଠାରେ, ବନ୍ଧ, ପୋଖରୀ ହୁଡ଼ାରେ ଯଦି ଗଛ ରଖିବା ତାହାହେଲେ ଆମର କେତେ ଉପକାରିତା ନ ହେବ । ଏହାକୁ ବୁଝିବାକୁ ହେବ । ଗଛଟିଏ ଛୋଟରୁ ବଡ଼ ହୋଇ ଯିବା ସହ ସେ ସେବେଠାରୁ ଅବିଶ୍ରାନ୍ତ ଭାବରେ ଜୀବଜଗତର ଉପକାର କରି ଚାଲିଥିବା ଦେଖିବାକୁ ହୁଏ । ବଡ଼ ହୋଇ ଫଳ ଦିଏ । ଛାଇ ପ୍ରଦାନ କରିଥାଏ । ବିଶେଷ ଭାବରେ ଯାହା ପ୍ରାଣୀଜଗତର ଆବଶ୍ୟକତା ରହିଥିବା ସ୍ୱଚ୍ଛ ଅମ୍ଳଜାନ ଯୋଗାଇ ଥାଏ । ଏଭଳିଆ କିଛି ଗଛ ରହିଛି ସେ ତାହାର ସବୁ କିଛି ଏ ମଣିଷକୁ ଦେଇଥାଏ । ତାହାର ଫୁଲ ଠାରୁ ଆରମ୍ଭ କରି ଫଳ, ପତ୍ର ଏବଂ ଏପରିକି ତାହାର ରସ ଓ ଛାଲି ମଧ୍ୟ ମଣିଷ ପାଇଁ ମହୋଷଧି ସାବ୍ୟସ୍ତ ହୋଇଥାଏ ।

ଆହୁରି ଅନେକ କିଛି ଦେଖିବାକୁ ମିଳିଥାଏ ଗଛ ଦ୍ୱାରା । ବିଭିନ୍ନ ପର୍ବ ପର୍ବାଣୀ ସମୟରେ ଗଛ ଦ୍ୱାରା ଉପଲବ୍ଧ ଫଳ, ଫୁଲ, ପତ୍ର ଖୋଜାପଡ଼ି ଥାଏ । ଏପରିକି ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ବିଭିନ୍ନ ପୂଜାର୍ଚ୍ଚନା ସକାଶେ ଫୁଲ, ଫଳ ଏବଂ କିଛି ଗଛର ପତ୍ର ମଧ୍ୟ ଦରକାର ହୁଏ । ଏଥିରୁ ଆମେ ତାହାହେଲେ ଜାଣିପାରିବା ଗଛ କିଭଳି ଭାବରେ ଆମ ଦୈନନ୍ଦିନ ଜୀବନରରେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଅଟେ । ଗଛ ଲତା ଦ୍ୱାରା ଏତେ ଉପକାରକୁ ଆମେ ବୁଝିବାକୁ ହେବ ।

ଏଠାରେ ଆଉ ଗୋଟାଏ ଜିନିଷ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ ତାହାହେଲା ଯଦି କିଏ ଏହି ବିଶ୍ୱରେ ବିନା ସ୍ୱାର୍ଥରେ କିଛି ପ୍ରଦାନ କରିଥାଏ ସେ ହେଉଅଛି ଗଛ ।

ଏହି ଧରାଧାମକୁ ସରସ ସୁନ୍ଦର ସବୁଜିମା କରି ଧରି ରଖିବାରେ ଏହି ଗଛ ହିଁ ତାହା କରି ଦେଖାଇଥାଏ ।

ତେଣୁ ଏହି ଜୀବଜଗତ ଧରାପୃଷ୍ଠକୁ ବଞ୍ଚି ରହିବାକୁ ହେଲେ ବୃକ୍ଷ ହିଁ ଏକ ମାତ୍ର ବନ୍ଧୁ ଯେକି ଏହି ଯିବ ଜଗତ ମଣିଷକୁ ବଞ୍ଚି ରହିବା ପାଇଁ ରାହା ଦେବ ।

ଏବେ ଆମେ ସମସ୍ତେ ଭଲ ଭାବରେ ଜାଣିଲା ଗଛ ଆମ ପାଇଁ କେତେ ଆବଶ୍ୟକ । ସୁତରାଂ ଆମେ ସମସ୍ତେ ଆସ ଗଛ ସହ ବନ୍ଧୁତା ସ୍ଥାପନ କରିବା ।ବ୍ୟାପକ ବୃକ୍ଷ ରୋପଣ ନିମନ୍ତେ ପ୍ରତିଶ୍ରୁତି ବଦ୍ଧ ହେବା ।

# ଚିତ୍ତ ବୃତ୍ତି ନିରୋଧ ଯୋଗ



ଲଳିତ ମୋହନ ମିଶ୍ର
ନୟାଗଡ଼
ମୋ-୯୪୩୭୯୮୫୮୬୬

ଚେତନାର ଦୁଇଟି ପ୍ରମୁଖ ଗୁଣ - ପ୍ରଥମତଃ ଏହା ସୁପ୍ତାବସ୍ଥା, ଦ୍ୱିତୀୟତଃ ଏହା ଅସ୍ଥିର । ତେଣୁ ପ୍ରଥମ ପ୍ରୟାସ ସୁପ୍ତ ଚେତନାକୁ ଜାଗ୍ରତ କରିବା । ତା'ପରେ ଏହାକୁ ସ୍ଥିର କରିବା ପାଇଁ ଦ୍ୱିତୀୟ ପ୍ରୟାସ କରିବା ଉଚିତ୍ । ମନରେ ବାସ କରୁଥିବା ଏହି ଚେତନାକୁ କେବଳ ଯୋଗ ମାଧ୍ୟମରେ ଜାଗ୍ରତ କରାଯାଇପାରିବ । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଦୁଇଥର କ୍ରିୟାଯୋଗ ବିଷୟରେ ଉଲ୍ଲେଖ କରିଛନ୍ତି । ଶ୍ରୀଶ୍ରୀ ପରମହଂସ ଯୋଗାନନ୍ଦଙ୍କ ଅନୁସାରେ କ୍ରିୟା ଯୋଗ ହେଉଛି ଯୋଗର ସର୍ବୋଚ୍ଚ ସ୍ୱରୂପ । ଯୋଗର ସିଧାସଳଖ ଅର୍ଥ ହେଉଛି ଭଗବାନଙ୍କ ସହ ମିଳନ । ସମଗ୍ର ବିଶ୍ୱରେ ଅଧିକାଂଶ ଲୋକ ଯୋଗକୁ ଶାରୀରିକ ବ୍ୟାୟାମ, ଯୋଗ ଆସନ ଇତ୍ୟାଦି ଭାବରେ ଜାଣନ୍ତି, କିନ୍ତୁ ବାସ୍ତବରେ ଯୋଗ ଅନେକ କିଛି, ଯାହାକୁ ବୁଝିବା ଏବଂ ଅଭ୍ୟାସ କରିବା ଆବଶ୍ୟକ । ପ୍ରସିଦ୍ଧ ଆଧ୍ୟାତ୍ମିକ ଗ୍ରନ୍ଥ 'ଯୋଗୀ କଥାମୃତ'ର ରଚୟିତା ଆଧ୍ୟାତ୍ମିକ ଯୋଗ ଗୁରୁ ଶ୍ରୀ ଶ୍ରୀ ପରମହଂସ ଯୋଗାନନ୍ଦ ଯୋଗର ସତ୍ୟତା ଶିକ୍ଷା ପାଇଁ ପାଶ୍ଚାତ୍ୟ ଦେଶ ଯାଇଥିଲେ । ଯେଉଁମାନେ ଜୀବନର ପ୍ରକୃତ ଅର୍ଥ ଖୋଜୁଛନ୍ତି ସେମାନଙ୍କ ପାଇଁ ପରମହଂସ ଧ୍ୟାନ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଯୋଗାନନ୍ଦ ଆଧ୍ୟାତ୍ମିକ ପ୍ରୟାସକୁ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ, ଆତ୍ମସାକ୍ଷାତକାର ଅର୍ଥାତ୍ ଭଗବାନଙ୍କ ସହିତ ଯୋଗ କରିବାର ଏକମାତ୍ର ଉପାୟ ବୋଲି ବର୍ଣ୍ଣନା କରିଥିଲେ । ତାଙ୍କ ଗୁରୁ ସ୍ୱାମୀ ଶ୍ରୀ ଯୁକ୍ତେଶ୍ୱର ଗିରି କହିଥିଲେ, ଯଦି ଆପଣ ବର୍ତ୍ତମାନ ଆଧ୍ୟାତ୍ମିକ ପ୍ରୟାସ କରୁଛନ୍ତି, ତେବେ ଭବିଷ୍ୟତରେ ସବୁକିଛି ସୁଧୁରିଯିବ । ଯୋଗାନନ୍ଦଙ୍କ ମତରେ କ୍ରିୟା ଯୋଗ ହେଉଛି ଯୋଗର ସର୍ବୋଚ୍ଚ ରୂପ । ଭଗବାନଙ୍କ ସଂସ୍ପର୍ଶରେ ଆସିବା ପାଇଁ ଏହି ନିର୍ଦ୍ଦିଷ୍ଟ ବୈଜ୍ଞାନିକ ମାର୍ଗ ଅନୁସରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । କ୍ରିୟା ଯୋଗରେ ନିର୍ଦ୍ଦିଷ୍ଟ କୌଶଳ ଅନ୍ତର୍ଭୁକ୍ତ । ଯାହା ଅଭ୍ୟାସକାରୀଙ୍କୁ କେବଳ ତାଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସକ୍ଷମ କରେ ନାହିଁ, ବରଂ ଶେଷରେ ଯୋଗୀଙ୍କୁ ପ୍ରକୃତ ଶାନ୍ତି ଆନନ୍ଦ ଆଣିବାରେ ସକ୍ଷମ କରେ । ଯୋଗାନନ୍ଦ ତାଙ୍କର ଅନୁଗାମୀମାନଙ୍କୁ କହିଥିଲେ, ସମସ୍ତେ ଏହି ମାର୍ଗକୁ ଅଭ୍ୟାସ କରିପାରିବେ ଏବଂ ଏହି ମାର୍ଗ ହେଉଛି ଅସ୍ତିତ୍ୱର ଉଚ୍ଚତମ ସଂସାରର ପ୍ରବେଶ ଦ୍ୱାର । ସେ କେତେକ ପ୍ରାରମ୍ଭିକ କୌଶଳ ତଥା ଆଦର୍ଶ ଜୀବନ ଦର୍ଶନ ଦେଇଛନ୍ତି, ଯାହା ଧ୍ୟାନର ସର୍ବୋଚ୍ଚ ଦ୍ୱାରକୁ ଯିବା ପାଇଁ ଆବଶ୍ୟକ । ଭଗବାନ ଶ୍ରୀକୃଷ୍ଣ ଗୀତାରେ ଦୁଇ ଥର କ୍ରିୟାଯୋଗ ବିଷୟରେ ଉଲ୍ଲେଖ କରିଛନ୍ତି । ଲକ୍ଷ ଲକ୍ଷ ଲୋକ କ୍ରିୟା ଯୋଗକୁ ନିଜର ଜୀବନଶୈଳୀ ଭାବରେ ଗ୍ରହଣ କରିବାକୁ ପ୍ରେରଣା ପାଇଥିଲେ । ସ୍ୱାମୀ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କ ଗୁରୁ ଲାହିରୀ ମହାଶୟ କହିଛନ୍ତି ଯେ, ଅସ୍ତିତ୍ୱର ଉଚ୍ଚତମ ପ୍ରବେଶ ଦ୍ୱାର କ୍ରିୟା ଯୋଗର ବାସ୍ତବିକ୍ ଲାଭ, ଏହାର କୌଶଳ ଏବଂ ଅଭ୍ୟାସରେ ନିହିତ ଅଛି । ପତଞ୍ଜଳି ଯୋଗକୁ 'ଚିତ୍ତ ବୃତ୍ତି ନିରୋଧ' ବୋଲି କହିଅଛନ୍ତି । ଅର୍ଥାତ୍ ଯଦି ଆପଣ ମନର ଚଞ୍ଚଳତା ବା କାର୍ଯ୍ୟକଳାପକୁ ସ୍ଥିର କରିପାରିବେ, ତେବେ ଆପଣ ଯୋଗକୁ ପ୍ରାପ୍ତ କରିପାରିବେ । ଆପଣଙ୍କ ଚେତନାରେ ସବୁ କିଛି ଏକ ହୋଇଯାଏ । ମନକୁ ସ୍ଥିର କରିବା ପାଇଁ ଯୋଗର ଅନେକ ଉପକରଣ ବା ପଦ୍ଧତି ରହିଛି । ଆମେ ଆମ ଜୀବନରେ ଅନେକ ଜିନିଷ କରିଥାଉ, ଏପରି ପ୍ରକ୍ରିୟା ଦେଇ ଗତି କରିଥାଉ ଯାହାକୁ ଆମେ ଆମର ସଫଳତା ବୋଲି କହିଥାଉ, କିନ୍ତୁ ମନର ଚଞ୍ଚଳତା ବାହାରେ ଯିବା ହେଉଛି ସବୁଠାରୁ ମୌଳିକ ବୀଜ ଏବଂ ସବୁଠାରୁ ବଡ ଉପଲବ୍ଧି । ଏହା ମନୁଷ୍ୟକୁ ତା'ର ଅନୁସନ୍ଧାନ, ଭିତରେ ଓ ବାହାରେ ଥିବା ପାର୍ଥକ୍ୟରୁ ମୁକ୍ତି ଦେଇଥାଏ । କେବଳ ଆପଣଙ୍କ ମନକୁ ସ୍ଥିର କରିବା ଦ୍ୱାରା ସେ ଏକ ଚରମ ସମ୍ଭାବନାରେ ପରିଣତ ହୋଇପାରନ୍ତି । ଅଧିକାଂଶ ଲୋକଙ୍କର ଲକ୍ଷ୍ୟ ହେଉଛି ନିଜ ଜୀବନରେ ସୁଖ ଶାନ୍ତି ହାସଲ କରିବା । ଆମ ଜୀବନରେ ଆମେ ପାଇଥିବା ସୁଖ ଶାନ୍ତି ସାଧାରଣତଃ ଏତେ ଦୁର୍ବଳ ଏବଂ ଅସ୍ଥାୟୀ ହୋଇଥାଏ ଯେ, ସେମାନେ ସର୍ବଦା ବାହ୍ୟ ପରିସ୍ଥିତି ଅଧୀନରେ ରହିଥାନ୍ତି । ତେଣୁ ଅଧିକାଂଶ ଲୋକ ଏକ ସଠିକ ବାହ୍ୟ ସ୍ଥିତି ବଜାୟ ରଖିବାକୁ ଚେଷ୍ଟା କରି ସାରା ଜୀବନ ବିତାଇଥାନ୍ତି, ଯାହା ହାସଲ କରିବା ଅସମ୍ଭବ । ଯୋଗ ଆଭ୍ୟନ୍ତରୀଣ ସ୍ଥିତି ଉପରେ ଗୁରୁତ୍ୱ ଦେଇଥାଏ । ଯଦି ଆପଣ ଏକ ସଠିକ ଆଭ୍ୟନ୍ତରୀଣ ସ୍ଥିତି ସୃଷ୍ଟି କରିପାରିବେ, ବାହ୍ୟ ପରିସ୍ଥିତି ଯାହା ହେଉନା କାହିଁକି, ଆପଣ ସମ୍ପୂର୍ଣ୍ଣ ଆନନ୍ଦ ଏବଂ ଶାନ୍ତିରେ ମଗ୍ନ ରହିପାରିବେ । ଏହା ମୋତେ ଦକ୍ଷିଣ ଭାରତୀୟ ଯୋଗ ପରମ୍ପରାର ଏକ କାହାଣୀ ମନେ ପକାଇଦିଏ । ସେଠାରେ ତତ୍ତ୍ୱାର୍ଯ୍ୟ ନାମକ ଜଣେ ଶିଷ୍ୟ ଥିଲେ । ତାଙ୍କ ଜୀବନରେ ତାଙ୍କୁ ଜଣେ ମହାନ ଗୁରୁଙ୍କ ସାନିଧ୍ୟ ମିଳିଥିଲା, ଯାହାଙ୍କ ନାମ ଥିଲା ସ୍ୱରୂପାନନ୍ଦ । ଏହି ଗୁରୁ ଚୁପ୍ ରହୁଥିଲେ । ଜଣେ ମଣିଷ ହିସାବରେ ସେ ବେଳେବେଳେ କଥା ହେଉଥିଲେ, କିନ୍ତୁ ଜଣେ ଗୁରୁ ଭାବରେ ସେ କେବେ କଥା ହେଉନଥିଲେ । ସେ ଜଣେ ନୀରବ ଗୁରୁ ଥିଲେ । ତତ୍ତ୍ୱାର୍ଯ୍ୟ ତାଙ୍କ ଗୁରୁଙ୍କ ସହିତ ଅସୀମ ଆନନ୍ଦ ଓ ଖୁସି ପାଉଥିଲେ, ସେ ତାଙ୍କ ଗୁରୁଙ୍କ ପାଇଁ ଏକ ଭରଣୀ ରଚନା କରିଥିଲେ । ଭରଣୀ ତାମିଲଭାଷାରେ ଏକ ପ୍ରକାର ରଚନା, ଯାହା ସାଧାରଣତଃ କେବଳ ମହାନ୍ ନାୟକଙ୍କ ପାଇଁ ରଚନା କରାଯାଏ । ସମାଜରେ ଏହାକୁ ବିରୋଧ କରାଯାଇଥିଲା । କୁହାଯାଇଥିଲା ଯେ ଏଭଳି ବ୍ୟକ୍ତିଙ୍କ ପାଇଁ ଭରଣୀ ଲେଖାଯାଇ ପାରିବ ନାହିଁ । ଯିଏ କେବେ ମୁହଁ ଖୋଲିନାହାଁନ୍ତି । ସଦା ଚୁପ୍ ଚାପ୍ ବସିବା ବ୍ୟତୀତ ଆଉ କିଛି କରିନାହାଁନ୍ତି । ଏହା କେବଳ ଜଣେ ମହାନ୍ ବିଜେତା କିମ୍ବା ମହାନ୍ ନାୟକଙ୍କ ପାଇଁ ସୃଷ୍ଟି କରାଯାଇପାରେ । ଯେମିତିକି କେହି ଏକ ହଜାର ହାତୀକୁ ମାରିଦେଇଛି । ଆଉ ଏହି ବ୍ୟକ୍ତି କେବେ ମୁହଁ ମଧ୍ୟ ଖୋଲି ନାହାଁନ୍ତି । ନିଶ୍ଚିତ ଭାବରେ, ତାଙ୍କ ଉପରେ ଲେଖିବା ପାଇଁ ସେ ଯୋଗ୍ୟ ନୁହଁନ୍ତି । 'ନା, ମୋ ଗୁରୁ ଆହୁରି ବହୁତ କିଛି ପାଇବାକୁ ଯୋଗ୍ୟ, କିନ୍ତୁ ମୁଁ ତାଙ୍କ ପାଇଁ ଏତିକି କରିପାରିବି, ବୋଲି ତତ୍ତ୍ୱାର୍ଯ୍ୟ କହିଥିଲେ । ' ଏହାକୁ ନେଇ ସହରରେ ଅନେକ ତର୍କ ବିତର୍କ ଓ ଚର୍ଚ୍ଚା ହୋଇଥିଲା । ତା'ପରେ ନୀତି ସ୍ଥିର ହେଲା ଯେ ଏହି ସମସ୍ୟା ସମାଧାନର ଏକମାତ୍ର ଉପାୟ ହେଉଛି, ଏହି ଲୋକମାନଙ୍କୁ ଗୁରୁଙ୍କ ନିକଟକୁ ନେବା । ଗୁରୁ ଏକ ବୃକ୍ଷ ତଳେ ଚୁପ୍ ଚାପ୍ ବସିଥିଲେ । ସମସ୍ତେ ସେଠାରେ ଯାଇ ବସିଲେ ଏବଂ ତତ୍ତ୍ୱାର୍ଯ୍ୟ ଗୁରୁଙ୍କ ସମ୍ମୁଖରେ ସମସ୍ୟା ରଖିଲେ- 'ମୁଁ ଆପଣଙ୍କ ସମ୍ମାନରେ ଏକ ଭରଣୀ ସୃଷ୍ଟି କରିଛି, ଯାହାକୁ ଏମାନେ ବିରୋଧ କରୁଛନ୍ତି । ଏମାନଙ୍କର କହିବା କଥା ଯେ ଭରଣୀ କେବଳ ମହାନ ନାୟକଙ୍କ ପାଇଁ ରଚନା କରାଯାଇପାରିବ । ଗୁରୁ ପୂରା କାହାଣୀ ଶୁଣି ଚୁପ୍ ଚାପ୍ ବସିଗଲେ । ସମସ୍ତେ ଚୁପ୍ ଚାପ୍ ବସିରହିଲେ । ଘଣ୍ଟା ଘଣ୍ଟା ବିତିଯାଇଥିଲେ ମଧ୍ୟ ସେମାନେ ଚୁପ୍ ଚାପ୍ ବସିରହିଲେ । ଦିନ ଦିନ ବିତିଗଲା ଏବଂ ସେମାନେ ଚୁପ୍ ଚାପ୍ ବସିଲେ । ଏଭଳି ଭାବରେ ଲୋକମାନେ ସେଠାରେ ଅନେକ ଦିନ ବସି ରହିଥିଲେ । ସମସ୍ତେ ଆଠ ଦିନ ଚୁପ୍ ରହିବା ପରେ ସ୍ୱରୂପାନନ୍ଦ ନିଜ ମନକୁ ସକ୍ରିୟ କରିଥିଲେ । ଏହାପରେ ହଠାତ୍ ସମସ୍ତଙ୍କ ଚିନ୍ତା ଧାରା ମଧ୍ୟ ସକ୍ରିୟ ହୋଇଯାଇଥିଲା । ଏହାପରେ ହିଁ ସମସ୍ତେ ଅନୁଭବ କରିଥିଲେ ଯେ ପ୍ରକୃତ ନାୟକ ହିଁ 'ମନ' ଓ 'ଅହଂକାର' ନାମକ ଏହି ମଦ୍ୟପ ହାତୀମାନଙ୍କୁ ନିୟନ୍ତ୍ରଣ କରିଥିଲେ । ଏହି ଦୁଇ ହାତୀ ଗୁରୁଙ୍କ ସହ ଆଠ ଦିନ ଧରି ବସି ଶାନ୍ତ ଓ ସ୍ଥିର ଥିଲେ । ତା'ପରେ ସେମାନେ କହିଲେ, ଇଏ ହିଁ ପ୍ରକୃତ ଭରଣୀର ଯୋଗ୍ୟ ବ୍ୟକ୍ତି । ବାସ୍ତବରେ ମନର ସୁପ୍ତ ଚେତନାକୁ ଜାଗ୍ରତ କରିବାର ସାଧନ ହିଁ ଯୋଗ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୨୩ ଜୁନ୍ ୨୦୨୪ ରବିବାର





# ଷେଣ୍ଟପୁର-ଧାମନଗର ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ:ଦୋବଲ ବଜାରରେ ଲହଡ଼ି ମାରୁଛି ବର୍ଷାପାଣି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର-ଷେଣ୍ଟପୁର ମୁଖ୍ୟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ଛାଡ଼ି ଠିକାର ଛୁ ମାରିଥିବା ବେଳେ ଅଧା ଖଣ୍ଡିଆ ରାସ୍ତାରେ ଗାଡ଼ି ମୋଟର ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି । ମୌସୁମି ବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ଜଳ ଜମିରହିଛି । ଫଳରେ ରାସ୍ତାର ପିଚୁ ନଷ୍ଟ ହେବା ସହ କଂକ୍ରିଟ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଗଲାଣି । ପାଣି ଜମି ରହିଥିବାବେଳେ ବାଇକ୍ ଓ ସ୍କୁଟିରେ ଯାଉଥିବା ଲୋକେ ଖାଲରେ ପଡ଼ି ଜଖମ ହେଉଥିବା ଦେଖିବାକୁ ମିଳିଛି । ସେହିପରି ଦୋବଲ ବଜାର ଦୁଇ ପାର୍ଶ୍ୱ ଜବରଦଖଲ ଯୋଗୁଁ ରାସ୍ତା ସଂକୁଚିତ ହୋଇଯାଇଛି । ଫଳରେ କେଉଁଠି ୨ ଫୁଟ ପାଣି ତ କେଉଁଠି ୩ ଫୁଟ ଉଚ୍ଚର ପାଣି ରାସ୍ତା ମଝିରେ ଲହଡ଼ି ମାରୁଛି । ଅନ୍ୟପକ୍ଷେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ନକ୍ସାରେ ରାସ୍ତାର ଚଉଡ଼ା ହାରାହାରି ୪୦ରୁ ୫୦ କଡ଼ି ରହିଛି ଏପରିକି କିଛି ସ୍ଥାନରେ ୭୫ରୁ ୮୦ କଡ଼ି ଚଉଡ଼ା ଅଛି । ସାଧାରଣ ଭାବେ ରାସ୍ତାର ଚଉଡ଼ା ପ୍ରାୟ ୪୦ ଫୁଟ୍ ଥିଲା ବୋଲି ସ୍ଥାନୀୟ ଲୋକେ କହନ୍ତି । ଏବେ ରାସ୍ତାର ଚଉଡ଼ା ପ୍ରାୟ ୨୦ ଫୁଟ୍‌କୁ କମି ଆସିଛି । ଯାହାଫଳରେ ବିଭିନ୍ନ ସମୟରେ ଯାତାୟାତ ବାଧାପ୍ରାପ୍ତ ହେଉଛି । ଅକାରଣରେ



ଟ୍ରାଫିକ୍ ସମସ୍ୟା ଦେଖାଯାଉଛି । ବଜାର ମଝାମଝିରେ ବେଳେ ବେଳେ ୨ଟି ଗାଡ଼ି ପାସ୍ କରିବା କାଠିକର ପାଠ ହୋଇଯାଉଛି । ବିଶେଷ କରି ଦୋବଲ ହାଟ ପାଳି ଦିନ ଟ୍ରାଫିକ୍ ସମସ୍ୟା ସଂଗୀନ ହୋଇପଡୁଛି । ଦୋବଲ ରାସ୍ତାର ସ୍ଥିତି ପୂର୍ବରୁ ସେମିତି ନଥିଲା । ଗତ ୧୦ ବର୍ଷ ଭିତରେ ଦୋବଲ ବଜାରର ଆକାର ବଢ଼ିବା ସାଙ୍ଗକୁ ନୂଆ ଦୋକାନ ସବୁ ହେଲା । ଏତିକି ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଦୁଇ ପାର୍ଶ୍ୱରୁ ରାସ୍ତାପଟକୁ ମାଡ଼ି ଆସିଲେ । ଜବରଦଖଲ କରି ଘର, ଦୋକାନ ଘର କରିଦେବାରୁ ରାସ୍ତା ସଂକୁଚିତ ହୋଇଯାଇଛି । ବଜାରରେ କିଛି ବଡ଼ ବଡ଼ ଦୋକାନୀ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଗାଡିର ଲୋଡ ଅନ୍‌ଲୋଡ କରାଯାଉଛି । ଏଠାରେ ମାଲ୍ ଅନ୍‌ଲୋଡ଼ ହେଲାବେଳେ ରାସ୍ତା ମାତ୍ର ୧୦ ଫୁଟ୍ ଚଉଡ଼ା ରହୁଛି । ଏଣୁ ଗାଡ଼ି ଯାତାୟାତ କରିବାକୁ ଲାଇନ୍ ଲାଗିଯାଉଛି । ଅନ୍ୟପଟେ ଖାଲଖମା ଭର୍ତ୍ତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ ପାଇଁ ଟେଣ୍ଡର ହୋଇ ନିର୍ମାଣ କାର୍ଯ୍ୟ କରାଯାଉଛି ହେଲେ ଠିକାଦାର ରାସ୍ତା ଖୋଳି କଛି ସ୍ଥାନରେ ଦଷ୍ଟ ମିଶା ବଜୁରି ପକାଇବା ସହ ଅଧା କିଲୋମିଟର ପକା ରାସ୍ତା ନିର୍ମାଣ କରିଦେଇ ୩ରୁ ୪ ମାସ ହେବ ଛୁ ମାରିଛି । ତେଣୁ ରାସ୍ତା କାର୍ଯ୍ୟ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

# ଅଧିକ ସକ୍ରିୟ ହୋଇ କାମ କରିବାକୁ ଭିଜିଲାନ୍ସ ଓ ଜେଲ୍ ବିଭାଗ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ ପ୍ରଥମ କରି ଭିଜିଲାନ୍ସ ଏବଂ ଜେଲ୍ ବିଭାଗର ସମୀକ୍ଷା କରିଛନ୍ତି । ରାଜ୍ୟ ଅତିଥି ଭବନରେ ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ.କେ ଜେଠ୍ୱା ଏବଂ ଜେଲ୍ ଡିଜି ଏ.ଏମ୍ ପ୍ରସାଦଙ୍କ ସହ ଆଲୋଚନା କରିଥିଲେ । ଏହି ସମୀକ୍ଷା ବୈଠକରେ ଦୁଇ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଭିଜିଲାନ୍ସ ବିଭାଗ ନେଇଥିବା କିଛି ପଦକ୍ଷେପ ଏବଂ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ । କିଭଳି ଭିଜିଲାନ୍ସ ଆଗକୁ ଅଧିକ ସକ୍ରିୟ ହୋଇ କାମ କରିବ ସେନେଇ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏପରିକି ଭିଜିଲାନ୍ସ ବିଭାଗରେ ଥିବା ସମସ୍ୟା ସମ୍ପର୍କରେ ନିର୍ଦ୍ଦେଶକ ଆଲୋଚନା କରିଥିଲେ । ଆଗାମୀ ଦିନରେ ଭିଜିଲାନ୍ସର ଥିବା ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଭିଜିଲାନ୍ସ ବିଗତ ଦିନମାନଙ୍କରେ ଭଲ ପ୍ରଦର୍ଶନ କରିଥିବା ନେଇ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ଆଗକୁ ଆହୁରି ଉତ୍ତମ ପ୍ରଦର୍ଶନ କରିବା ନେଇ ବିଭାଗକୁ ପରାମର୍ଶ ଦେଇଥିଲେ । ସେହିପରି କାରାଗାର ଡିଜି ଏ.ଏମ୍ ପ୍ରସାଦଙ୍କ ସହ ଜେଲ୍‌ରେ ଥିବା ସମସ୍ୟା ଏବଂ ଅନ୍ୟାନ୍ୟ କଥା ପଚାରି ବୁଝିଥିଲେ । ବିଶେଷ କରି ରାଜ୍ୟର ବିଭିନ୍ନ ଜେଲ୍ ପରିଦର୍ଶନ କରିବାକୁ କହିଥିଲେ । ଜେଲ୍‌ରେ ପ୍ରଥମ ଥର କରି 'ଯୋଗ' କାର୍ଯ୍ୟକ୍ରମ କରାଯାଇଥିବାରୁ ଏହାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେବାକୁ କହିଥିଲେ । ଜେଲ୍‌ରେ ଯେପରି ଆଧୁନିକ କରଣ କରାଯିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ଜେଲ୍ କଏଦୀଙ୍କ ପାଇଁ ସଜା ନୁହେଁ ଏକ ସୁଧାରଗୃହ ଭାବେ ଗଢ଼ି ତୋଳିବାକୁ ସେ କହିଥିଲେ । ତେଣୁ ସେଠାରେ କଏଦୀଙ୍କୁ ପାଠ ପଢ଼ିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଟ୍ରେନିଂ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ ।

# ବିଳମ୍ବରେ ମୌସୁମୀ ବର୍ଷା ହେତୁ ମନ୍ଥର ଗତିରେ ଚାଲିଛି ଚାଷ କାର୍ଯ୍ୟ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ମୌସୁମୀ ବର୍ଷାର ବିଳମ୍ବ ହେତୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମନ୍ଥର ଗତିରେ ଚାଷ କାର୍ଯ୍ୟ ଚାଲିଥିବା ଜଣାପଡିଛି । ଜିଲ୍ଲା କୃଷି ବିଭାଗ ଅନୁସାରେ ଜିଲ୍ଲାରେ ଖରିଫ ଋତୁ ପାଇଁ ମୋଟ୍ ଚାଷଜମି ୧ ଲକ୍ଷ ୫୨ ହଜାର ହେକ୍ଟର ମଧ୍ୟରୁ ୧ ଲକ୍ଷ ୨୫ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ । ମୋଟ୍ ଉଚ୍ଚ ଜମି ୩୧ ହଜାର ୮୧ ହେକ୍ଟର, ମଧ୍ୟମ ଜମି ୭୧ ହଜାର ୮୯୦ ହେକ୍ଟର ଓ ଖାଲ ଜମି ୪୯ ହଜାର ୨୯ ହେକ୍ଟରରେ ଉକ୍ତ ଧାନ ଓ ଅଣଧାନ ଚାଷ ହୋଇଥାଏ । ଚଳିତ ଖରିଫ ଋତୁରେ ମୌସୁମୀ ବର୍ଷା ବିଳମ୍ବ ହେତୁ ଚାଷ କାର୍ଯ୍ୟ ମନ୍ଥର ଗତିରେ ହେଉଛି । ଚଳିତ ମାସ ସୁଦ୍ଧା ୭୨୩ କ୍ୱିଣ୍ଟାଲ ଧାନ ଓ ୧୨୦ କ୍ୱିଣ୍ଟାଲ ଧନିଚା ବିହନ ପ୍ୟାକ୍ସ ଜରିଆରେ ବିଭିନ୍ନ ବ୍ଲକକୁ ପଠାଯାଇଛି । ସେହିପରି ମାର୍କଫେଡ ଜରିଆରେ ବିଭିନ୍ନ ପ୍ୟାକ୍ସକୁ ୪୧୦ ମେଟ୍ରିକ୍ ଟନ୍ ସାର ଯୋଗାଇ ଦିଆଯାଇ ଗଚ୍ଛିତ ରଖାଯାଇଛି । ଜିଲ୍ଲାର ପ୍ରାଇଭେଟ୍ ଡିଲର ମାନେ ମଧ୍ୟ ବିହନ ଓ ସାର ଚାଷୀ ମାନଙ୍କ ପଇଁ ଗଚ୍ଛିତ ରଖିଛନ୍ତି । ଜିଲ୍ଲାରେ ମୋଟ୍ ୧୦ ହଜାର ୫୦୦ ନମୁନା ମାଟି ଖରିଫ ଋତୁ ପାଇଁ ପରୀକ୍ଷାଗାରକୁ ପଠାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୮ ହଜାର ୫୦୦ ମାଡି ସଂଗ୍ରହ କରାଯାଇଛି । ବଳକା ମାଟି ବିଭିନ୍ନ ବ୍ଲକ ଏଫ.ଆଇ.ଏ.ସି ରେ ସଂଗ୍ରହ କରାଯାଇଛି । ପି.ଏମ. କିଷାନ ଯୋଜନା ଦ୍ୱାରା ପ୍ରାୟ ୬୦ ହଜାର ଚାଷୀ ଉପକୃତ ହେବାକୁ ବାକି ଥିବାବେଳେ ପଞ୍ଜିକୃତ ଚାଷୀମାନେ ନିଜେ ନିଜର ଆଧାର ସଂଶୋଧନ, ଜମି ପଟ୍ଟା ସଂଶୋଧନ, ବ୍ୟାଙ୍କ ଆଧାର ଲିଙ୍କ ଆଦି ଦିଗରେ ଶୀଘ୍ର ସଂଶୋଧନ କରାଇବାକୁ ଚାଷୀ ମାନଙ୍କୁ ଜିଲ୍ଲା କୃଷି ଅଧିକାରୀ ଡ଼ଃ ମନୋଜ କୁମାର ଚାନ୍ଦ ନିବେଦନ କରିଛନ୍ତି ।

# ସିୟାଚୀନର ବରଫ ପାହାଡ଼ ଠାରୁ ଆରମ୍ଭ କରି ଉପକୂଳ ଦ୍ୱୀପ ପର୍ଯ୍ୟନ୍ତ ସବୁଠି ସେନାର ଯୋଗ ଦିବସ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ସେନା ଶୁକ୍ରବାର ସିୟାଚୀନ୍ ଗ୍ଲେସିୟରର ବରଫ ପାହାଡ଼ ଠାରୁ ଆରମ୍ଭ କରି କନ୍ୟାକୁମାରୀର ଉପକୂଳ ଅଞ୍ଚଳରେ ଏବଂ ଆଣ୍ଡାମାନ ନିକୋବରର ଉପକୂଳ ଦ୍ୱୀପରେ ୧୦ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିଛି । ପଶ୍ଚିମରେ ଲୋଂଗେବାଲା (ରାଜସ୍ଥାନ) ଏବଂ କଚ୍ଛ (ଗୁଜୁରାଟ) ଠାରୁ ନେଇ ପୂର୍ବରେ କିବିଥୁ (ଅରୁଣାଚଳ ପ୍ରଦେଶ) ଏବଂ ଇମ୍ଫାଲ (ମଣିପୁର)ର ପାର୍ବତ୍ୟାଞ୍ଚଳରେ ମୁତୟନ ଥିବା ସୈନିକମାନେ ମଧ୍ୟ ଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ସେବାରତ କର୍ମୀ, ସେମାନଙ୍କ ପରିବାର, ପିଲାମାନେ, ଏନସିସି କ୍ୟାଡେଟ୍ ଏବଂ ସାଧାରଣ ନାଗରିକଙ୍କ ମଧ୍ୟ ଭାଗିଦାରୀ ଦେଖିବାକୁ ମିଳିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରାଚୀନ ସହର ମଥୁରାରେ ଆୟୋଜିତ ଏହି ସମାରୋହରେ ସମସ୍ତ ର୍ୟାଙ୍କ୍ ର ଅଧିକାରୀ ଏବଂ ସେମାନଙ୍କ ପରିବାର ସହିତ ସାମିଲ୍ ହୋଇଥିଲେ । ସ୍ଥଳ ସେନାଧ୍ୟକ୍ଷ ଜନରଲ ମନୋଜ ପାଣ୍ଡେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଦିଲ୍ଲୀରେ ଆନ୍ତର୍ଜାତିକ ଯୋଗ ଦିବସ ଦିଲ୍ଲୀ ଛାଉନୀର କରିଅପ୍ପା ପରେଡ ଗ୍ରାଉଣ୍ଡରେ ପାଳିତ ହୋଇଛି । ଦିଲ୍ଲୀରେ ଯୋଗ ଅଧିବେଶନର ନେତୃତ୍ୱ ନେଇଥିଲେ ଉପନେତା ପ୍ରମୁଖ ଲେଫ୍ଟେନେଣ୍ଟ ଜେନରଲ ଉପେନ୍ଦ୍ର ଦ୍ୱିବେଦୀ ।

# ଯୋଗ ଭାରତୀୟ ପ୍ରାଚୀନ ସଂସ୍କୃତିର ସମ୍ଭାର:ମନ୍ତ୍ରୀ ପ୍ରଦୀପ ବଳସାମନ୍ତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯୋଗ ଭାରତର ପ୍ରାଚୀନ ସଭ୍ୟତା, ପରମ୍ପରା ଓ ସଂସ୍କୃତିର ସମ୍ଭାର । ଏହା ଶାନ୍ତି, ସମୃଦ୍ଧି, ସୁସ୍ଥ, ଚିନ୍ତା ଓ ଚେତନାର ଉନ୍ନତି ଆଣିବାରେ ଏକ ପ୍ରକୃତ ମାଧ୍ୟମ । ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ପାଳନ କରାଯାଇ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏକତ୍ରୀତ କରାଇ ଯୋଗର ଆବଶ୍ୟକତା ତଥା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ଯୋଗକୁ ଆପଣେଇବାକୁ ପ୍ରତ୍ୟୁଷରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍ ଠାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ହସ୍ତତନ୍ତ, ବୟନ




ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଯୋଗ ଦିବସରେ ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁର ଅଶୋକ କୁମାର ବେହୁରିଆ ଏବଂ ଯାଜପୁର ପଞ୍ଚାୟତ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା ଯୋଗଦେଇ ଯୋଗାଭ୍ୟାସ ଦ୍ୱାରା ପିଲା ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କର ସର୍ବାଙ୍ଗୀନ ଉନ୍ନତିସାଧିତ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ମଞ୍ଚ ପରିଚାଳନା କରିଥିଲେ । ଦିବସ ପାଳନ ଅବସରରେ ବ୍ରହ୍ମା କୁମାରୀ ଡଃ ସରୋଜ ଭାଇ ଏବଂ ବ୍ରହ୍ମା କୁମାରୀ ଗୀତାଞ୍ଜଳୀ ଭଉଣୀ ଶରୀରକୁ ସୁସ୍ଥ ରଖିବା ଏବଂ ଆତ୍ମା ଓ ପରମାତ୍ମାର ମିଳନ ସମ୍ବନ୍ଧରେ ବିଭିନ୍ନ ପ୍ରକାରର ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମୁଖ୍ୟଅତିଥି ମନ୍ତ୍ରୀ, ସମ୍ମାନିତ ଅତିଥି ବୃନ୍ଦ ଏବଂ ଜିଲ୍ଲାପାଳ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦିବସକୁ ଉଦ୍‌ଘାଟନ କରିଥିଲେ ।

# ଝିଅ ଜନ୍ମ କରିବା ହେଲା ପାପ:ନ୍ୟାୟ ପାଇଁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପୀଡିତା ମହିଳା

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ପୁଲିସ ଠାରୁ ନ୍ୟାୟ ନପାଇ ପୀଡତା ମହିଳା ଯାଜପୁର ଏସ୍‌ପିଙ୍କୁ ଏନେଇ ଲିଖିତ ଭାବେ ଜଣାଇବା ସହ ନିଜେ କିପରି ନ୍ୟାୟ ପାଇବେ ସେନେଇ ଗୁହାରି କରିଛନ୍ତି । ଅଭିଯୋଗ ମୁତାବକ ବାଲିଚନ୍ଦ୍ରପୁର ପତରାଜପୁର ଗ୍ରାମର ହାକିମ ଖାଁ ପୁଅ ହନିଫା ଖାଁଙ୍କୁ ୨୦୧୯ ମସିହା ଫେବୃଆରୀ ୨୪ ତାରିଖ ଫରିଦା ବେଗମ୍ ସହ ମୁସଲିମ୍ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ବିବାହ ସମୟରେ ଦାବି ମୁତାବକ ୨ଲକ୍ଷ ଟଙ୍କା ଯୌତୁକ ଦିଆଯାଇଥିଲା । ବିବାହ ୬ ମାସ ପରେ ସେ ଅନ୍ତସତ୍ୱା ହୋଇଥିଲେ । ଏହା ଜାଣିବା ପରେ ପରିବାର ପକ୍ଷରୁ ଫରିଦାକୁ ପିଲା ଜନ୍ମ କରିବାକୁ ବାପଘରେ ଛାଡିଥିଲେ । ପରେ ଫରିଦା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । କିଛିଦିନ ପରେ ସେ ଶାଶୂ ଘରକୁ ଫେରିଥିଲେ । ସେଠାରେ ଝିଅ ଜନ୍ମ କରିଥିବାରୁ ତାଙ୍କୁ ନିର୍ଯ୍ୟାତନା ଆରମ୍ଭ ହୋଇଥିଲା । ଶଶୁର, ଶାଶୂ, ନଣନ୍ଦ, ନଣନ୍ଦେଇ ପ୍ରମୁଖ ମିଳିତ ଭାବେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଅଧିକ ଯୌତୁକ ଦାବି କରିଥିଲେ । ଏନେଇ ବିଭିନ୍ନ ସମୟରେ ଭଦ୍ର ବ୍ୟକ୍ତିଙ୍କ ମାଧ୍ୟମରେ ଆଲୋଚନା କରାଯାଇ ଫରିଦା ଶାଶୁଘରେ ରହିଥିଲେ । ମାତ୍ର ପରବର୍ତ୍ତୀ ଅବସ୍ଥାରେ ପୁଣି ଘଟଣାର ପୁନରାବୃତି ହୋଇଥିଲା । ବାରମ୍ବାର ମାଡଗାଳି ଦେବା ସହ ଝିଅ ସହ ଫରିଦାକୁ ମାରିଦେବାର ଯୋଜନା କରାଯାଉଥିଲା । ଏନେଇ ଫରିଦାର ଭାଇ ସେଠାରେ ପହଞ୍ଚିବାରୁ ଉଭୟଙ୍କୁ ମାଡ ମାରି ଘରେ ପୁରାଇ ଚାବି ପକାଇଦେଇଥିଲେ । ସେମାନେ ଜୀବନ ରକ୍ଷା ପାଇଁ ପୋଲିସକୁ ଫୋନ୍ କରିବାରୁ ବାଲିଚନ୍ଦ୍ରପୁର ପୁଲିସଉ ଉଭୟଙ୍କୁ ଉଦ୍ଧାର କରି ତା ବାପ ଘରକୁ ପଠାଇଥିଲା । ହେଲେ ବାରମ୍ବାର ଥାନାକୁ ଦୌଡିଥିଲେ ମଧ୍ୟ ଫରିଦା ଥାନାରୁ କୌଣସି ନ୍ୟାୟ ନପାଇ ଫେରିଥିଲା । ପୋଲିସ ପକ୍ଷରୁ ସେମାନଙ୍କୁ ପରୋକ୍ଷ ସମର୍ଥନ ଥିବାରୁ ଫରିଦା ନ୍ୟାୟରୁ ବଞ୍ଚିତ ହୋଇ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ଫରିଦା ବେଗମ୍ ।

# ହିନ୍ଦୁଜା ପରିବାରର ୪ ସଦସ୍ୟଙ୍କୁ ଜେଲ୍‌ଦଣ୍ଡ

**ବର୍ଣ୍ଣ, ନ୍ୟୁଜ୍ ବ୍ୟୁରୋ**

ଘରୋଇ ସହାୟତାକୁ ଉତ୍ପୀଡ଼ନ ଦେବା ମାମଲାରେ ବ୍ରିଟେନ୍ର ସବୁଠୁ ଧନୀ ପରିବାର 'ହିନ୍ଦୁଜା'ର ୪ ସଦସ୍ୟଙ୍କୁ ସ୍ୱିଜରଲାଣ୍ଡର ଏକ କୋର୍ଟ ୪ରୁ ୪.୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ସହିତ କୋର୍ଟ ମାନବ ଚାଲାଣର ଅଭିଯୋଗକୁ ଖାରଜ କରିଦେଇଛନ୍ତି । ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗପତି ପ୍ରକାଶ ହିନ୍ଦୁଜା ଏବଂ ତାଙ୍କ ପତ୍ନୀ କମଳ ହିନ୍ଦୁଜାଙ୍କୁ ୪ ବର୍ଷ ଲେଖାଏଁ ତାଙ୍କ ପୁଅ ଅଜୟ ଏବଂ ବୋହୂ ନମ୍ରତା ୪ ବର୍ଷର ଜେଲ୍ ଦଣ୍ଡ ଶୁଣାଯାଇଛି । ସମସ୍ତଙ୍କ ବିରୋଧରେ ଚାକରଙ୍କୁ ଚାଲଣ କରୁଥିବା ଅଭିଯୋଗ ଲାଗିଥିଲା । ଅଧିକାଂଶ ଅଶିକ୍ଷିତ ଭାରତୀୟଙ୍କୁ ଜେନେଭା ସ୍ଥିତ କୋଠାରେ ନିଯୁକ୍ତି ଦେଇ କମ୍ ଦରମା ଖଟାଉଥିଲେ ।

# ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଆସିକା ନିକଟସ୍ଥ କୋଟିନଡ଼ା ଫାଣ୍ଡି ଅନ୍ତର୍ଗତ ପଢାଳ ଗ୍ରାମର ଏକ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି । ପୋଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଆସିକା ଡାକ୍ତରଖାନାକୁ ପଠାଇଛି । ତେବେ ଯୁବତୀଙ୍କ ଆତ୍ମହତ୍ୟାର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଛତ୍ରପୁର ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ବୁଡ଼ି ନିଖୋଜ ଥିବା ୨୨ ବର୍ଷୀୟ ଯୁବକ ହେମନସେନ ବେହେରାଙ୍କ ମୃତଦେହକୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଓ ପୋଲିସର ମିଳିତ ଟିମ୍ । ନିଖୋଜ ଯୁବକଙ୍କ ମୃତଦେହ ଗଞ୍ଜାମର ଗୋଖୁରକୁଦା ନିକଟରୁ ଉଦ୍ଧାର ହୋଇଛି । ଗଞ୍ଜାମ ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଛତ୍ରପୁର ମେଡିକାଲକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି । ପ୍ରକାଶ ଥାଉକି, ଆର୍ଯ୍ୟପଲ୍ଲୀ ଅଞ୍ଚଳର ଏହି ଯୁବକ ହେମନସେନ ୧୯ ତାରିଖ ଅପରାହ୍ନରେ ନିଜର ୪ରୁ ୫ ଜଣ ବନ୍ଧୁଙ୍କ ସହ ସମୁଦ୍ରକୁ ଗାଧୋଇବାକୁ ଆସିଥିବା ବେଳେ ଅସାବଧାନତାବଶତଃ ଭାସି ଯାଇ ନିଖୋଜ ଥିଲେ । ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଓ ପୋଲିସ ଦୁଇ ଦିନ ଧରି ଖୋଜାଖୋଜି କରିବା ପରେ ସକାଳେ ଗଞ୍ଜାମର ଗୋଖୁରକୁଦା ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି ।

# କିଡ଼ନୀ ରୋଗରେ ଯୁବକଙ୍କ ପରଲୋକ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ନୁରୁଗାଁ ଗ୍ରାମର ଉଦୀୟମାନ ଯୁବକ ନୀଳମଣି ଦେଓଙ୍କ ପୁତ୍ର ରାକେଶ ଦେଓ (୨୨)ଙ୍କର ବୃକକ୍ ଜନୀତ ରୋଗରେ ପରଲୋକ ଘଟିଛି । ସ୍ୱର୍ଗତ ରାକେଶ ନୁରଗାଁ ଅଞ୍ଚଳରେ ଜଣେ ଯୁବ ସମାଜସେବୀ ଭାବରେ ପରିଚିତ ଥିଲେ । ତେବେ ଗତ କିଛିଦିନ ତଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସେ ଭୁବନେଶ୍ୱର ସ୍ଥିତ ଏକ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତାଙ୍କର ଆକସ୍ମିକ ମୃତ୍ୟୁ ଖବର ଶୁଣି ନୁରୁଗାଁ ଗ୍ରାମର ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# ଚାପଗ୍ରସ୍ତ ଜୀବନରେ ଯୋଗ ଶାରୀରିକ ଓ ମାନସିକ ସନ୍ତୁଳନ ରଖେ

**କେନ୍ଦୁଝର, ନ୍ୟୁଜ୍**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ହ୍ୟାଣ୍ଡବଲ ପଡ଼ିଆଠାରେ ସାମୂହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଯାଇଛି । ଶହ ଶହ ସଂଖ୍ୟାରେ ବିଭିନ୍ନ ବୟସର ଲୋକ ସାମିଲ ଦେଇଥିବା ଏହି ଯୋଗ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଲକ୍ଷ୍ମୀ ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ଉପସ୍ଥିତ ରହି ଅନ୍ୟମାନଙ୍କ ସହ ଯୋଗାସନ କରିଥିଲେ । ସମଗ୍ର ବିଶ୍ୱରେ ଗୁରୁତ୍ୱ ବହନ କରୁଥିବା ଏହି ଦିବସର ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସରକାରୀ ତଥା ବେସରକାରୀ ସଂସ୍ଥାର କର୍ମଚାରୀ, ସାମ୍ବାଦିକ ଏବଂ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ମନ୍ତ୍ର ଉଚ୍ଚାରଣ ପରେ ପରେ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା । ପଦ୍ମାସନ, ତାଡାସନ, ଭୁଜଙ୍ଗାସନ ଓ ସୂର୍ଯ୍ୟ ନମସ୍କାର ଭଳି ବିଭିନ୍ନ ଯୋଗାସନ କରାଯାଇ ସେସବୁର ଆମ ଶରୀର ପାଇଁ ଥିବା ଉପାଦେୟତା ବାବଦରେ ସୂଚନା ଦିଆଯାଇଥିଲା । ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ



ସାଂସଦ ଅନନ୍ତ ନାୟକ ଉଦ୍‌ବୋଧନ ଦେଇ ଶରୀର ଓ ମନର ସନ୍ତୁଳନ ରକ୍ଷା ପାଇଁ ଯୋଗର ମହତ ବଖାଣିଥିଲେ । ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଯୋଗୁଁ କାହିଁ କେଉଁ ଅମଳରୁ ଚାଲିଆସୁଥିବା ଆମର ବିବିଧ ଯୋଗାସନ ୨୦୧୫ ମସିହାରେ ଜାତିସଂଘର ମାନ୍ୟତା ପାଇ ଆଜି ବିଶ୍ୱବିଦିତ ହୋଇପାରିଛି । ସହସ୍ରାଧିକ ଦେଶ ଆଜି ଯୋଗ ଦିବସ ପାଳନ କରି ନିଜ ଦେଶର ନାଗରିକଙ୍କୁ ଯୋଗର ମହତ ବୁଝାଉଛନ୍ତି ବୋଲି ଶ୍ରୀ ନାୟକ କହିଥିଲେ । ପରିଶେଷରେ ଶପଥପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଲଳିତ ସୋରେଙ୍ଗ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଓ ଜିଲ୍ଲା ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ରିତିକ ଅଧିକାରୀ ଏବଂ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ରାଇଘରରେ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ଭକ୍ତଙ୍କ ଗହଣରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଥିଲା । ମୁଖ୍ୟ ପୁରୋହିତ ବୀରଭଦ୍ର ରଥ, ଅଶୋକ ରଥ ଓ ମନ୍ଦିରର ସହଯୋଗୀଙ୍କ ଦ୍ୱାରା ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା । ପ୍ରଭୁ ସୁଦର୍ଶନ, ବଳଭଦ୍ର, ମା' ସୁଭଦ୍ରା ଏବଂ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇଥିଲା । ଅଳ୍ପ ଅଳ୍ପ ବର୍ଷା ସତ୍ତ୍ୱେ ଲୋକଙ୍କର ସମାଗମ ଦେଖିବାକୁ ମିଳିଥିଲା । ମନ୍ଦିର କମିଟିର କୀର୍ତ୍ତନ ମଣ୍ଡଳୀ ସହଯୋଗ କରିଥିଲେ । ପରିଚାଳନା କମିଟିର ସଭାପତି ସହଦେବ ଗଣ୍ଡ, ସମ୍ପାଦକ କନେଇ ରାମ ଗଣ୍ଡ, ରାମନାଥ ଗଣ୍ଡ, ସୁକମନ ଗଣ୍ଡ, କମଲ ସିଂ ରାଜପୁତ, ଘନଶ୍ୟାମ ଗଣ୍ଡ, ତ୍ରିଲୋଚନ ମିଶ୍ର, ଶିବ ପାତ୍ର, ରାମଦାସ ଗଣ୍ଡ, ସୁଜିତ କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇ ଥିଲେ । ଠାକୁରଙ୍କୁ ଦେବା ପାଇଁ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା ।

# ଶୌଚାଳୟ ସ୍ଥିତି ଦୟନୀୟ:ଆଖି ବୁଜିଛି ବିଏମ୍‌ସି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରବାସୀ ଓ ପଥଚାରୀଙ୍କ ପାଇଁ ବ୍ରହ୍ମପୁର ମହାନଗର ନିଗମ ବିଭିନ୍ନ ସ୍ଥାନରେ ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ କରିଛି । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଶୌଚାଳୟ ଅବସ୍ଥା ଦୟନୀୟ ହୋଇପଡ଼ିଛି । ନିଗମର ୧୭ ନମ୍ବର ୱାର୍ଡ ଜୟମଙ୍ଗଳ ନଗର ସାହିଠାରେ ଥିବା ପୁରୁଷ ଓ ମହିଳା ଶୌଚାଳୟ ଏହାର ଏକ ଉଦାହରଣ । ଏହି ୨ ଶୌଚାଳୟ ୨୦୧୬ରେ ଉଦ୍‌ଘାଟିତ ହୋଇଥିଲା । ଉଭୟ ଶୌଚାଳୟରେ ପାଣି ସହ ଆଲୋକୀକରଣ ଓ ପାଣି ନିଷ୍କାସନ ନିମନ୍ତେ ଡ୍ରେନ୍ ବ୍ୟବସ୍ଥା କରାଯାଇଥିଲା । ଦୟନୀୟ କାରଣରୁ



ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ ଓ ବହୁ ପଥଚାରୀ ହଇରାଣ ହେଉଛନ୍ତି । ପୁରୁଷ ଶୌଚାଳୟରେ କବାଟ ଓ ପାଣି ଟ୍ୟାପ୍‌ଗୁଡ଼ିକ ଭାଙ୍ଗି ଯାଇଛି । ପାଣି ଅନବରତ ଚାଲୁଥିବାରୁ ଶୌଚାଳୟରେ ଶିଉଳି ପଡ଼ିଯାଇଛି । ଶୌଚାଳୟର ସମ୍ମୁଖ ଭାଗ ଓ ପଛ ପାର୍ଶ୍ୱ ଡ୍ରେନ୍‌ରେ କୁଡ଼ କୁଡ଼ ଆବର୍ଜନା ଥିବାରୁ ପାଣି ନିଷ୍କାସନ ହୋଇନପାରି ଶୌଚାଳୟ ପରିସର ଦୂଷିତ ହୋଇପଡ଼ିଛି । ମହିଳା ଶୌଚାଳୟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ଉପରେ ଥିବା ଟାଙ୍କି ଫାଟିଯାଇଥିବାରୁ ଅନବରତ ପାଣି ଆସି କାନ୍ଥ ସମ୍ପୂର୍ଣ୍ଣ ଦୁର୍ବଳ ହୋଇପଡ଼ିଛି । ଶୌଚାଳୟର ମଇଳା ପାଣି ରାସ୍ତା ଉପରେ ଭାସୁଛି । ଯାହାକୁ ନେଇ ଏଠାକାର ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶୌଚାଳୟର ମଇଳା ପାଣି ନିଷ୍କାସନ ପାଇଁ ଡ୍ରେନ୍‌କୁ ସଂଯୋଗ କରାଯାଇନଥିବା କାରଣରୁ ଏଭଳି ସମସ୍ୟା ଉପୁଜିଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । ଏହି କାରଣ ଯୋଗୁଁ ୨ ଶୌଚାଳୟ ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ । ଯେଉଁ ଉଦ୍ଦେଶ୍ୟରେ ଏହା ନିର୍ମାଣ ହୋଇଥିଲା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି । ବ୍ରହ୍ମପୁର ମହାନଗର ନିଗମ ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷ ଏନେଇ ଆଖି ବୁଜିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଏନେଇ ସ୍ଥାନୀୟ କର୍ପୋରେଟରଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ସୁଦ୍ଧା କୌଣସି କର୍ଣ୍ଣପାତ କରୁନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ସ୍ଥାନୀୟ କର୍ପୋରେଟର ଦୁର୍ଗା କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଶୌଚାଳୟର ମରାମତି ନେଇ ବିଏମ୍‌ସି ଅଧିକାରୀଙ୍କୁ ଅବଗତ କରାଯାଇଛି । ନିର୍ବାଚନ ଥିବାରୁ କାର୍ଯ୍ୟ ହୋଇପାରିନଥିଲା । ବର୍ତ୍ତମାନ ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି ।

# କୋଇଲା ତସ୍କରୀ ମାମଲାରେ ପଶ୍ଚିମବଙ୍ଗରେ ଇସିଏଲର ଦୁଇ ଅଧିକାରୀଙ୍କୁ ଗିରଫ କଲା ସିବିଆଇ

**କୋଲକାତା, ନ୍ୟୁଜ୍ ବ୍ୟୁରୋ**

କୋଇଲା ତସ୍କରୀର ତଦନ୍ତ ମାମଲାରେ ସିବିଆଇ ଗୁରୁବାର ଇଷ୍ଟର୍ଣ୍ଣ କୋଲଫିଲ୍ଡ ଲିମିଟେଡର ଅଧିକାରୀ ଓ ଜଣେ ସିଭିଲ ଠିକାଦାରଙ୍କୁ ଗିରଫ କରିଛି । ଶୁକ୍ରବାର କେନ୍ଦ୍ରୀୟ ଏଜେନ୍ସି ଟିମ୍ ଗିରଫ ଦୁଇଜଣଙ୍କୁ ନେଇ ନିଜାମ ପ୍ୟାଲେସ୍‌ରୁ ଆସନସୋଲ ସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଛି । ଇସିଏଲ କାଜୋରା ଅଞ୍ଚଳର ଜିଏମ ନରେଶ ଚନ୍ଦ୍ର ସାହା ଓ ସିଭିଲ କଣ୍ଟ୍ରାକ୍ଟର ଅଶ୍ୱିନୀ କୁମାର ଯାଦବଙ୍କୁ କୋଲକାତାର ନିଜାମ ପ୍ୟାଲେସ ସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ପଚରା ଉଚରା ପାଇଁ ଡାକିଥିଲା । ବିଳମ୍ବିତ ରାତି ଯାଏ ଉଭୟଙ୍କୁ ପଚରା ଉଚରା କରାଯାଇଥିଲା ଏବଂ ବୟାନରେ ତାଳମେଳ ନହେବା କାରଣରୁ ଉଭୟଙ୍କୁ ଗିରଫ କରାଯାଇଛି ।

# ଗଲ୍‌ୱାନ୍ ଘାଟି ସଂଘର୍ଷ ପରେ ଚୀନ୍ ନାଗରିକଙ୍କୁ ଭିସା ଦେଉନି ଭାରତ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଚୀନ୍ ନାଗରିକଙ୍କୁ ଭିସା ଦେବାକୁ ଭାରତ ଏବେ କୁଣ୍ଠିତ । ୨୦୧୯ରେ କୋଭିଡ୍ ମହାମାରୀ ପୂର୍ବରୁ ପ୍ରାୟ ୨ ଲକ୍ଷ ଚୀନ୍ ନାଗରିକଙ୍କୁ ଭାରତୀୟ ଭିସା ମଞ୍ଜୁର କରାଯାଇଥିଲା ଓ ସେମାନେ ଭାରତ ଆସିପାରିଥିଲେ । ୨୦୨୪ରେ ଚୀନ୍ ନାଗରିକଙ୍କୁ ମାତ୍ର ୧୫୦୦ ଭିସା ମଞ୍ଜୁର କରାଯାଇଛି ଯେଉଁଥିରୁ ୧୦୦୦ ହେଉଛି ଭାରତର ଇଲେକ୍‌ଟ୍ରୋନିକ୍ ଶିଳ୍ପ ସହ ବ୍ୟବସାୟିକ ସମ୍ବନ୍ଧ ରଖିଥିବା ଓ ଭାରତରେ ନିବେଶ କରିଥିବା ଚୀନ୍ କମ୍ପାନୀ କାର୍ଯ୍ୟକର୍ତ୍ତା ଓ ବ୍ୟବସାୟୀଙ୍କ ଭିସା । ୨୦୨୦ ଜୁନ୍ ୧୫ରେ ଚୀନ୍ ସେନା ପିପୁଲ୍ସ ଲିବେରେସନ୍ ଆର୍ମିର ସୈନିକମାନେ ପୂର୍ବ ଲାଦାଖର କିଛି ଅଞ୍ଚଳ ଦଖଲ କରିବାକୁ ଉଦ୍ୟତ ହେବାରୁ ଗଲ୍‌ୱାନ ଘାଟିରେ ଭାରତୀୟ ସେନା ସେମାନଙ୍କୁ ରୋକିଥିଲା । ଉଭୟ ଦେଶର ସେନାଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା ।

# ଟି-୨୦ ବିଶ୍ୱକପ୍: ଆମେରିକାକୁ ହରାଇ ୱେଷ୍ଟ ଇଣ୍ଡିଜ୍‌ର ଜବରଦସ୍ତ ବିଜୟ



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍ ୨୦୨୪ର ସୁପର ୮ ଗ୍ରୁପ୍ ୨ ମ୍ୟାଚ୍‌ରେ ଆମେରିକାକୁ ୯ ୱିକେଟ୍‌ରେ ହରାଇଛି ୱେଷ୍ଟ ଇଣ୍ଡିଜ୍ । ଏହି ମ୍ୟାଚ୍‌ରେ ୱେଷ୍ଟ ଇଣ୍ଡିଜ ଖେଳାଳି ହୋପ୍ ଟି-୨୦ ଇଣ୍ଟରନ୍ୟାସନାଲ୍‌ର ସବୁଠାରୁ ବଡ଼ ପାଳି ଖେଳିଛନ୍ତି । ନିକୋଲସ ପୁରନ୍‌ଙ୍କ ଭାଗିଦାରୀ ସହିତ ସେ ଜବରଦସ୍ତ ପାଳି ଖେଳିଥିଲେଙ୍ଗ ହୋପ୍ ଆମେରିକାର ଷ୍ଟାର୍ ବୋଲର ସୌରଭ ନେତ୍ରବଲକର ମଧ୍ୟ ସେମାନଙ୍କ ଆଗରେ ଫେଲ୍ ମାରିଥିଲେଙ୍ଗ ୱେଷ୍ଟ୍ ଇଣ୍ଡିଜ୍‌ର ବିଜୟ ପରେ ସୁପର ୮ ଗ୍ରୁପ୍ ୨ ମ୍ୟାଚ୍ ଏବେ ଆହୁରି ରୋମାଞ୍ଚକର ହୋଇଛି ।

ଏହି ମ୍ୟାଚ୍‌ରେ ପ୍ରଥମେ ଆମେରିକା ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ଆମେରିକାର କୌଣସି ବ୍ୟାଟ୍ସମ୍ୟାନ୍ ୩୦ ରନ୍ ଉପରକୁ ମଧ୍ୟ କରିପାରିନଥିଲେ । ୱେଷ୍ଟ ଇଣ୍ଡିଜ୍‌ର ଆନ୍ଦ୍ରେ ରସେଲ୍ ଏବଂ ରାଷ୍ଟନ ଚେଜ୍ ୩ ଟି ଲେଖାଏଁ ୱିକେଟ୍ ନେଇଥିଲେ । ତେବେ ୱେଷ୍ଟ୍ ଇଣ୍ଡିଜ୍ ଆଗରେ ୧୨୯ ରନ୍‌ର ଲକ୍ଷ୍ୟ ରହିଥିଲା । ଏହାର ପିଛା କରି ପଡ଼ିଆକୁ ଓହ୍ଲାଇଥିଲେ ହୋପ୍ ଏବଂ ଜନସନ ଚାର୍ଲସ୍ ପ୍ରଥମ ୱିକେଟ୍ ସହ ୭ ଓଭରରେ ଦୁହେଁ ୬୭ ରନ୍ ଯୋଡ଼ିଥିଲେ । ଚାର୍ଲସ୍ ୧୫ ରନ୍ କରି ଆଉଟ୍ ହୋଇଯାଇଥିବା ବେଳେ ତାଙ୍କ ସ୍ଥାନରେ ଆସିଥିଲେ ନେକୋଲସ । ଦୁହେଁ ଆକ୍ରମଣାତ୍ମ ଢଙ୍ଗରେ ଖେଳିଥିଲେ । ଫଳରେ ଆମେରିକାର ବୋଲର ଟିକି ପାରିନଥିଲେ । ଶେଷରେ ୯ ୱିକେଟ୍‌ରେ ବିଜୟୀ ହୋଇଥିଲା ୱେଷ୍ଟ ଇଣ୍ଡିଜ୍

# ବାଂଲାଦେଶକୁ ୫୦ ରନ୍‌ରେ ହରାଇଲା ଭାରତ

**ଆଣ୍ଟିଗୁଆ**

ଟି-୨୦ ବିଶ୍ୱକପର ସୁପର୍-୮ରେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ୫୦ ରନରେ ଜିତି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି ଭାରତ । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ବଳରେ ଦଳ ୨୦ ଓଭରରେ ୫ ୱିକେଟ ହରାଇ ୧୯୬ ରନ୍ କରିଥିଲା ।

ଜବାବରେ ବାଂଲାଦେଶ ୨୦ ଓଭରରେ ୮ ୱିକେଟ ହରାଇ ୧୪୬ ରନ୍ କରିଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ରୋହିତ ଶର୍ମା(୨୩) ଓ ବିରାଟ କୋହଲି(୩୭) ପ୍ରଥମ ୱିକେଟରେ ୩୯ ରନ୍ ଯୋଡିଥିଲେ । ୩ ନମ୍ବରରେ ବ୍ୟାଟିଂ କରିଥିବା ରିଷଭ ପନ୍ତ ୩୬ ରନ୍ କରିଥିଲେ । ଶିବମ ଦୁବେ କ୍ରିଜ୍‌ରେ ଯୋଗ ଦେଇ ୨୪ ବଲ୍‌ରୁ ୩୪ ରନ୍ କରି ଆଉଟ ହୋଇଥିଲେ ।

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୨୭ ବଲ୍ ଖେଳି ୫୦ ରନ୍ କରିବା ସହ ଶେଷ ଯାଏ ଅପରାଜିତ ରହିଥିଲେ । ହାର୍ଦ୍ଦିକଙ୍କ ଇନିଂସରେ ୪ ଚୌକା ଓ ୩ ଛକା ସାମିଲ ଥିଲା । ବାଂଲାଦେଶ ପକ୍ଷରୁ ତାଞ୍ଜିମ ହସନ ଶକିବ ଓ ରିଶଦ ହୋସେନ୍ ୨ଟି ଲେଖାଏ, ଶାକିବ ଅଲ ହସନ ଗୋଟିଏ ୱିକେଟ ନେଇଥିଲେ ।



୧୯୭ ରନ୍ ଲକ୍ଷ୍ୟରେ ବାଂଲାଦେଶ ପ୍ରଥମ ୪ ଓଭରରେ ୩୫ ରନ୍ କରିଥିଲା । ପଞ୍ଚମ ଓଭରରେ ଲିଟନ ଦାସ(୧୩)ଙ୍କୁ ଆଉଟ କରି ପ୍ରଥମ ବ୍ରେକ୍ ଥ୍ରୁ ପ୍ରଦାନ କରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା ।

ବାଂଲାଦେଶ ପକ୍ଷରୁ ଅଧିନାୟକ ନଜମୁଲ ହୋସେନ ଶନ୍ତୋ ୪୦, ତାଞ୍ଜିଦ ହସନ ୨୯ ଓ ରିଶଦ ହୋସେନ ୨୪ ରନ୍ କରିଥିଲେ । ଗୋଟିଏ ପଟରୁ ଯଶପ୍ରୀତ୍ ବୁମ୍ରା କଞ୍ଜୁସ ବୋଲିଂ କରୁଥିବା ବେଳେ କୁଲଦୀପ ଯାଦବଙ୍କ ସ୍ପିନ ଯାଦୁ ଦେଖିବାକୁ ମିଳିଥିଲା । ମାତ୍ର ୧୯ ରନ୍ ଦେଇ କୁଲଦୀପ ୩ ବାଂଲାଦେଶୀ ବ୍ୟାଟରଙ୍କୁ ସେ ଆଉଟ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ, ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ୱିକେଟ ନେଇଥିଲେ । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ହାର୍ଦ୍ଦିକଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା ।

# ଟି-୨୦ ବିଶ୍ୱକପ୍‌ରେ ପ୍ୟାଟ୍ କୁମିନ୍ସଙ୍କ ପ୍ରଥମ ହ୍ୟାଟ୍ରିକ



**ଆଣ୍ଟିଗୁଆ**

ଚଳିତ ଟି-୨୦ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ । ସୁପର-୮ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି । ଏହି ମ୍ୟାଚରେ ବାଂଲାଦେଶ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ କରିଥିଲା । ଅଷ୍ଟ୍ରେଲିଆ ୧୧.୨ ଓଭରରେ ୨ ୱିକେଟ ହରାଇ ୧୦୦ ରନ କରିଥିବାବେଳେ ବର୍ଷା ହୋଇଥିଲା । ଖେଳ ଆଉ ସମ୍ଭବ ହୋଇ ନ ଥିବାରୁ ଡକ୍‌ୱର୍ଥ ଲୁଇସ ସିଷ୍ଟମ (ଡିଏଲ୍‌ଏସ୍)ରେ ଅଷ୍ଟ୍ରେଲିଆକୁ ୨୮ ରନରେ ବିଜୟୀ ଘୋଷଣା କରାଯାଇଥିଲା । କାରଣ ସେତେବେଳକୁ ଡିଏଲ୍‌ଏସ୍ ପାର୍ ସ୍କୋର ଥିଲା ୭୨ ରନ । ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ହ୍ୟାଟ୍ରିକ ଅର୍ଜନ କରିବା ଏହି ମ୍ୟାଚର ମୁଖ୍ୟ ଆକର୍ଷଣ ଥିଲା । ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ ।

ଚଳିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ । ଅନୁଷ୍ଠିତ ସୁପର-୮ ମ୍ୟାଚରେ ସେ ବାଂଲାଦେଶ ବିପକ୍ଷରେ ଏହି ସଫଳତା ପାଇଛନ୍ତି । ୩୧ ବର୍ଷୀୟ କୁମିନ୍ସ ୧୮ତମ ଓଭରର ଶେଷ ୨ ବଲ୍‌ରେ ବାଂଲାଦେଶର ଅଭିଜ୍ଞ ଖେଳାଳି ମହମୁଦୁଲ୍ଲା ଓ ମେହେଦି ହାସନଙ୍କ ୱିକେଟ ନେଇଥିଲେ । ୨୦ତମ ଓଭରର ପ୍ରଥମ ବଲ୍‌ରେ ସେ ତୌହିଦ ହୃଦୟଙ୍କୁ ଆଉଟ କରି ହ୍ୟାଟ୍ରିକ ୱିକେଟ ପୂରଣ କରିଥିଲେ ।

ଟି୨୦ ବିଶ୍ୱକପ୍‌ରେ ଏହାଥିଲା ଓଭରଅଲ୍ । ୭ମ ହ୍ୟାଟ୍ରିକ କୁମିନ୍ସଙ୍କ କ୍ୟାରିୟରର ଏହା ପ୍ରଥମ ହ୍ୟାଟ୍ରିକ । ଦ୍ୱିତୀୟ ଅଷ୍ଟ୍ରେଲୀୟ ଭାବେ କୁମିନ୍ସ ଟି୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି । ପୂର୍ବରୁ ୨୦୦୭ରେ ବ୍ରେଟ୍ ଲୀ କେପ୍‌ଟାଉନ୍‌ରେ ଏହି ବାଂଲାଦେଶ ବିପକ୍ଷରେ ହିଁ ହ୍ୟାଟ୍ରିକ କରିଥିଲେ ।

# ୟୁସୁଫ ପଠାନଙ୍କ ଗମ୍ଭୀର ଅଭିଯୋଗ: ମୋତେ ପ୍ରତାରଣା ଦେଉଛନ୍ତି ଗୁଜରାଟ ସରକାର

**ନୂଆଦିଲ୍ଲୀ**

ଟିଏମସି ଏମପି ତଥା ପୂର୍ବତନ କ୍ରିକେଟର ୟୁସୁଫ ପଠାନଙ୍କୁ ଗୁଜରାଟ ସରକାର ହଇରାଣ କରୁଥିବା ସେ ନିଜେ ଅଭିଯୋଗ କରିଛନ୍ତି । ୟୁସୁଫ ପଠାନଙ୍କୁ ଭଦୋଦରା ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏନକାଉଣ୍ଟର ନୋଟିସ ମିଳିଥିଲା, ଏହା ପରେ ସେ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ୟୁସୁଫ ପଠାନ ମଧ୍ୟ ହାଇକୋର୍ଟଙ୍କ ନିକଟକୁ ଯାଇଛନ୍ତି । ତେଣୁ ଗୁଜୁରାଟ ହାଇକୋର୍ଟରେ ଟିଏମସିକୁ ଏକ ନୋଟିସ ପଠାଯାଇଥିଲା ଏବଂ ଏହାର ସ୍ପଷ୍ଟୀକରଣ ମଧ୍ୟ ନିଆଯାଇଥିଲା ।

କିଛି ଦିନ ପୂର୍ବରୁ ୟୁସୁଫ ପଠାନଙ୍କୁ ଭଦୋଦରା ମ୍ୟୁନିସିପାଲ କର୍ପୋରେସନର ସରକାରୀ ଜମି ଖାଲି କରିବାକୁ ନୋଟିସ ମିଳିଥିଲା । ଏ ବାବଦରେ ୟୁସୁଫ ପଠାନ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ ଏବଂ ସେ କହିଥିଲେ ଯେ ୨୦୧୨ରେ ନିଜେ ଏହି ଜମି ନେବାକୁ ସେ ମ୍ୟୁନିସିପାଲ କର୍ପୋରେସନକୁ ଆବେଦନ କରିଥିଲେ ଏବଂ ୨୦୧୪ରେ, ନିଗମ ଏକ ପୃଥକ ପ୍ରସ୍ତାବ ଆଣି ରାଜ୍ୟ ସରକାରଙ୍କ ନିକଟକୁ ପଠାଇଲା ।

ଏ ସମ୍ପର୍କରେ ହାଇକୋର୍ଟ ପଚାରିଛନ୍ତି ଯେ ତାଙ୍କ ଦ୍ୱାରା ୧୦ ବର୍ଷ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ, ତାପରେ ସେ କହିଛନ୍ତି ଯେ ମୁଁ ଲୋକ ସଭା ନିର୍ବାଚନରେ ନିର୍ବାଚିତ ହୋଇଛି ଏବଂ ମୋତେ ହଇରାଣ କରିବାକୁ ଉଦ୍ୟମ କରାଯାଉଛି । କାରଣ ମୁଁ ଅନ୍ୟ ଦଳରୁ ନିର୍ବାଚିତ ହୋଇଛି । ପଠାନ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ କିଛି କରାଯାଇ ନଥିଲା ଏବଂ ନିର୍ବାଚନ ଫଳାଫଳ ପରେ ହଠାତ୍ ଜୁନ ୬ରେ ଏକ ନୋଟିସ ପଠାଯାଇଥିଲା ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ନିଗମର ପ୍ରସ୍ତାବ ପରେ ଏହା ପୁଣି ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି, ଯାହା ଆବଶ୍ୟକ ନୁହେଁ, କାରଣ ଏହା ମ୍ୟୁନିସିପାଲିଟି କର୍ପୋରେସନର ଜମି ଏବଂ ରାଜ୍ୟ ସରକାରଙ୍କ ନୁହେଁ ଯଦି ଆମେ ଏହାକୁ ନ ହଟାଇବୁ, ବୁଲଡୋଜର ସିଧାସଳଖ ଆସିବ ।

ସୂଚନାଯୋଗ୍ୟ, ଜୁନ ୬ରେ ସରକାରୀ ଜମିରୁ ଏହି ଦଖଲ ହଟାଇବା ପାଇଁ ପୂର୍ବତନ ଭାରତୀୟ କ୍ରିକେଟର ତଥା ଟିଏମସି ଏମପି ୟୁସୁଫ ପଠାନଙ୍କୁ ନୋଟିସ ପଠାଯାଇଥିଲା । ଏହା ପରେ ପୂର୍ବତନ ମ୍ୟୁନିସିପାଲିଟି କର୍ପୋରେସନ କାଉନସିଲରଙ୍କ ଦ୍ୱାରା ଏହି ଜମି ଅଧିଗ୍ରହଣକୁ ବେଆଇନ ଘୋଷଣା କରାଯାଇଥିଲା ଏବଂ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା । ଏହା ପରେ ୟୁସୁଫ ପଠାନଙ୍କୁ ଏକ ନୋଟିସ ପଠାଯାଇଥିଲା ।




# କଳାହାଣ୍ଡି କପ୍ ଜିତିଲା ଓଡ଼ିଶା ସି: ଦେବବ୍ରତ ଶ୍ରେଷ୍ଠ ଖେଳାଳି

**କଟକ: ନ୍ୟୁଜ୍ ବ୍ୟୁରୋ**

ଗତ ମାର୍ଚ୍ଚ ୧୭ ତାରିଖରୁ ଆରମ୍ଭ ହୋଇଥିବା କଳାହାଣ୍ଡି କପ୍ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି । ଶୁକ୍ରବାର ଶେଷ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ରେଷ୍ଟ୍ ଅଫ ଓଡ଼ିଶା ସି ୭ ରନ୍‌ରେ ଭୁବନେଶ୍ୱର ଏକୁ ପରାସ୍ତ କରି ବିଜେତା ହୋଇଛି । ଗୁରୁବାର ଭୁବନେଶ୍ୱର ଏ ଟସ ଜିତି କ୍ଷେତ୍ରରକ୍ଷଣ କରିଥିଲା ବେଳେ ଓଡ଼ିଶା ସି ୪୫.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା । ଜବାବରେ ଭୁବନେଶ୍ୱର ଏ ଦ୍ୱିତୀୟ ଦିନରେ ୫୦.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ କରିପାରିଥିଲା । ଭୁବନେଶ୍ୱର ଏର ସନ୍ଦୀପ ପଟ୍ଟନାୟକ ୬୮ ରନ୍‌ର ସଂଘର୍ଷପୂର୍ଣ୍ଣ ବ୍ୟାଟିଂ କରିଥିଲେ ।




ପ୍ରଥମ ଦିନରେ ୩୧ ରନ୍ କରିଥିବା ଓଡ଼ିଶା ସିର ଦେବବ୍ରତ ପ୍ରଧାନ ୫ ୱିକେଟ୍ ସଫଳତା (୧୯.୨-୬-୪୭-୬) ପାଇ ଦଳକୁ ଜିତାଇଥିଲେ । ତାଙ୍କ ବ୍ୟତୀତ ସୌଭାଗ୍ୟ ରାଉତ ୪ ୱିକେଟ୍ ନେଇଥିଲେ । ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଦେବବ୍ରତଙ୍କୁ ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ୍‌ର ଦେବାଶିଷ ମହାନ୍ତି, ଫାଓ ସଂପାଦକ ଆଶୀର୍ବାଦ ବେହେରା, ରାଜ୍ୟ ଅଲମ୍ପିକ୍ ସଂଘ ସଂପାଦକ ଅଭିଜିତ ପାଲ, ଓସିଏ ସଂପାଦକ ସଂଜୟ ବେହେରା, ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓଡ଼ିଶା କ୍ରିକେଟ୍‌ର ମୁଖ୍ୟ ପ୍ରଶିକ୍ଷକ ସୁରେନ୍ଦ୍ର ଭାବେ, ଆପେକ୍ସ କାଉନ୍‌ସିଲ ସଭ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଓସିଏ ସଭ୍ୟ ସୌର୍ଯ୍ୟ ରଂଜନ ପରିଡା, ସୁଶାନ୍ତ କୁମାର ମହାନ୍ତି, ଅଞ୍ଜନ ଖୁଣ୍ଟିଆ, ଶିବବ୍ରତ ମଲ୍ଲିକ, ଶୁଭାଶିଷ ସାହୁ, ଅମ୍ରିତ ବେହେରା, ନିର୍ବାଣ ରଏ, ସନ୍ତୋଷ ଦାସ, ବିଜୟ କୁମାର ଦାସ, ତଡିତ ରାଉତ, ସ୍ୱାଗତ ସାମନ୍ତରାୟ, ଗୌତମ ଗଜପତି, ସେଖ୍ ନିୟାଜ ଓ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ, କଳହାଣ୍ଡି କପ୍‌ର ଏକଦିବସୀୟ ମ୍ୟାଚ୍‌ଗୁଡ଼ିକ ୩୮ ଦଳକୁ ନେଇ ମାର୍ଚ୍ଚ ୧୭ରୁ ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

# ବାବର ଆଣ୍ଡ କୋ ବିରୋଧରେ ଫିକ୍ସିଂ ଅଭିଯୋଗ, ମୁହଁ ଖୋଲିଲା ପିସିବି

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ପାକିସ୍ତାନ କ୍ରିକେଟ ଟିମ ବିରୋଧରେ ଆସିଛି ମ୍ୟାଚ ଫିକ୍ସିଂ ଓ ସ୍ପଟ ଫିକ୍ସିଂ ଅଭିଯୋଗ । ଅଧିନାୟକ ବାବର ଆଜମ ଓ ଦଳର ଅନ୍ୟ ସଦସ୍ୟମାନେ ଫିକ୍ସିଂ କରି ମ୍ୟାଚ୍ ହାରିଥିବା ଅନଲାଇନରେ ଭାଇରାଲ ହେବାରେ ଲାଗିଛି । ଅନେକ ପୂର୍ବତନ କ୍ରିକେଟର ଓ ପାକିସ୍ତାନର ସାମ୍ବାଦିକ ମଧ୍ୟ ପରୋକ୍ଷରେ ମ୍ୟାଚ୍ ଫିକ୍ସିଂ କଥା କହିଛନ୍ତି ।

ଏହାକୁ ନେଇ ବିବାଦ ବଢୁଥିବା ବେଳେ ମୁହଁ ଖୋଲିଛି ପାକିସ୍ତାନ କ୍ରିକେଟ ବୋର୍ଡ । ଯେଉଁମାନେ ଫିକ୍ସିଂର ଅଭିଯୋଗ କରୁଛନ୍ତି, ସେମାନେ ପ୍ରମାଣ ଧରି ସାମ୍ନାକୁ ଆସନ୍ତୁ । ଯଦି ଅଭିଯୋଗ ବିନା ପ୍ରମାଣରେ କେହି କରୁଛନ୍ତି, ତାହେଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ ଚେତାବନୀ ଦେଇଛି ।

ପିସିବି ସୂତ୍ରରେ କୁହାଯାଇଛି ଯେ ଆମେ ଦଳ ସମ୍ପର୍କରେ ଦିଆଯାଉଥିବା ନକାରାତ୍ମକ କମେଣ୍ଟ ବିଷୟରେ ଅବଗତ ରହିଛୁ । ଖେଳକୁ ନେଇ ସୀମା ଭିତରେ ସମାଲୋଚନା ଗ୍ରହଣୀୟ । ଏଥିରେ କୌଣସି ପ୍ରକାରର ଆପତ୍ତି ନାହିଁ । କିନ୍ତୁ ମ୍ୟାଚ୍ ଫିକ୍ସିଂ ଭଳି ଅମୂଳକ ଅଭିଯୋଗ ଆଣିବା ଘଟଣାକୁ କୌଣସି ବି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ।

କଣ ଅଭିଯୋଗର ତଦନ୍ତ କରିବାକୁ ପିସିବି ଚାହିଁବ କି ପ୍ରଶ୍ନରେ ବୋର୍ଡ କହିଛି, ପିସିବିର କୌଣସି ପ୍ରକାରର ସନ୍ଦେହ ନାହିଁ ତେଣୁ କଣ ପାଇଁ ତଦନ୍ତ ହେବ? ଯେଉଁମାନେ ଅଭିଯୋଗ କରୁଛନ୍ତି, ସେମାନେ ପ୍ରମାଣ ଦିଅନ୍ତୁ । ଆମେ ଆମର ଆଇନଗତ ପରାମର୍ଶଦାତା ବିଭାଗକୁ ଅଭିଯୋଗ ଆଣୁଥିବା ଲୋକଙ୍କୁ ନୋଟିସ କରିବାକୁ କହିଛୁ ।

ଯଦି ସେମାନେ ପ୍ରମାଣ ନ ଦେଇ ପାରିବେ, ତାହେଲେ ଆମେ ମାନହାନୀ କେସ୍ କରି କ୍ଷତିପୂରଣ ମାଗିବୁ । ପଞ୍ଜାବ ପ୍ରଦେଶରେ ଏନେଇ ଗୋଟିଏ ଆଇନ ରହିଛି । ୬ ମାସ ମଧ୍ୟରେ ନିଷ୍ପତ୍ତି ଆସିବ ।

# ଆଧ୍ୟାତ୍ମିକ ଶକ୍ତିପ୍ରାପ୍ତ ପାଇଁ ଯୋଗ ଅପରିହାର୍ଯ୍ୟ : ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ



**ଭୁବନେଶ୍ୱର/ବାରିପଦା**
**ନ୍ୟୁଜ୍ ବ୍ୟୁରୋ**

ଯୋଗ ଏବଂ ଧ୍ୟାନ କେନ୍ଦ୍ର ଓ ଯୋଗ ସମିତିର ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଠାରେ ଯୋଗ ଦିବସ ପାଳନ କରାଯାଇଛି । ଏହି ଅବସରରେ ପ୍ରାତଃ ସମୟରେ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗାଭ୍ୟାସରେ ସାମିଲ ହୋଇଥିଲେ । ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ଯୋଗ ବିଜ୍ଞାନ ଅନୁସାରେ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତି ପାଇଁ ଏହା ହେଉଛି ବଳିଷ୍ଠ ତଥା ଶ୍ରେଷ୍ଠ ମାଧ୍ୟମ । ଶରୀର ଓ ମନ ଉପରେ ଯୋଗର ପ୍ରବଳ ପ୍ରଭାବ ରହିଛି । ମନ, ମସ୍ତିଷ୍କ ଓ ଆତ୍ମା ଉଚିତ ସନ୍ତୁଳନ ରକ୍ଷା କରିଥାଏ ଯୋଗ । ଏକ ଭିନ୍ନ ଓ ସ୍ୱତନ୍ତ୍ର ବିଜ୍ଞାନ, ଯାହା କେଉଁ ଆଦିମ କାଳରୁ ମୁନି ଋଷି ମାନେ ସାଧନ କରିଆସୁଛନ୍ତି । ଯୋଗର ୫୦୦୦ ବର୍ଷ ପୁରୁଣା ଇତିହାସ ରହିଛି । ଯୋଗ ଶରୀରରୁ ରୋଗ ମୁକ୍ତ କରିବା ସହ ମନକୁ ଶାନ୍ତ ରଖେ ଓ ଏକାଗ୍ରତା ବୃଦ୍ଧି କରିଥାଏ । ତେବେ ନିୟମିତ ଯୋଗ ଦ୍ୱାରା ହିଁ ଜଣେ ମନୁଷ୍ୟ ଏକ ସୁସ୍ଥ ଶରୀର ଅଧିକାରୀ ହୋଇପାରିବ । ଏହି ଯୋଗାଭ୍ୟାସ ରେ ସାଂସଦ ମମତା ମହାନ୍ତ, ଦୌଲତ ଚନ୍ଦ୍ରକାର, ଜିଲ୍ଲା ପରିଷଦ ଅଧକ୍ଷ ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏହା ୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିଥିଲା ଯୋଗ ଓ ଧ୍ୟାନର ଉପକାର, ଆଧ୍ୟାତ୍ମିକତାର ଭାବ ଧାରାକୁ ନେଇ ବସୁଧୈବ କୁଟୁମ୍ବକମ୍‌କୁନେଇ ବିଚାର ବିମର୍ଷ କରାଯାଇଥିଲା । ଯୋଗ ଦିବସ ଅବସରରେ ଯୋଗ ଗୁରୁ ଦିଲ୍ଲୀପ କୁମାର ପଣ୍ଡା, ଜ୍ୟୋତି ରଞ୍ଜନ ଦାସ ଓ ଲେଖାଶ୍ରୀ ମହାନ୍ତି ସମସ୍ତଙ୍କୁ ଯୋଗଭ୍ୟାସ କରାଇଥିଲେ ।

# ବୁଲୁଛି ସବୁଜ ରଥ, କରୁଛି ପରିବେଶ ସୁରକ୍ଷା ସଚେତନ

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନର ଦ୍ୱିତୀୟ ଆର୍ଯ୍ୟଭଟ୍ଟ ସବୁଜ ରଥର ଶୁଭାରମ୍ଭ ଚିକିଟି ବ୍ଲକର ମାଧବନ୍ଧ ଗ୍ରାମରୁ ହୋଇଯାଇଛି । ଏହି ସବୁଜ ରଥ ଗୁଡ଼ିକ ଭୟଙ୍କର ତାତିରୁ ରକ୍ଷା ପାଇବାପାଇଁ ଏହି ଋତୁରେ ବ୍ୟାପକ ବୃକ୍ଷ ରୋପଣ ପାଇଁ ନିବେଦନ କରୁଛନ୍ତି । ପ୍ରଥମ ଆର୍ଯ୍ୟଭଟ୍ଟ ସବୁଜ ରଥ ଚଳିତ ମାସ ୧୩ ତାରିଖ ଦିନ ବ୍ରହ୍ମପୁରରେ ଶୁଭାରମ୍ଭ କରାଯାଇଥିଲା । ପ୍ରଥମ ସବୁଜ ରଥ ବ୍ରହ୍ମପୁର ସହର, କୁକୁଡା ଖଣ୍ଡି ବ୍ଲକ୍, ରଙ୍ଗେଇଲୁଣ୍ଡା ବ୍ଲକ, ଦିଗପହଣ୍ଡି ବ୍ଲକ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ପରିକ୍ରମା କରୁଅଛି । ଦ୍ୱିତୀୟ ସବୁଜ ରଥ ଚିକିଟି, ପାତ୍ରପୁର, ଦିଗପହଣ୍ଡି ବ୍ଲକ ପରିକ୍ରମା କରିବା ସହ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ମଣ୍ଡଳମ ରେ ପରିକ୍ରମା କରିବ । ଏହା ସହ ଆର୍ଯ୍ୟଭଟ୍ଟର ସ୍ୱେଚ୍ଛାସେବୀମାନେ ବିଭିନ୍ନ ଅଞ୍ଚଳରେ ପଦଯାତ୍ରା କରି ବୃକ୍ଷ ରୋପଣ କରିବା ପାଇଁ ନିବେଦନ କରୁଛନ୍ତି । ବର୍ଷକୁ ବର୍ଷ ବଢୁଥିବା ଖରାରେ ଜୀବନ ଧାରଣ ଅସମ୍ଭବ ହୋଇ ପଡୁଛି ଓ ଆଗକୁ ମଣିଷର ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଭୟଙ୍କର ଖରାରୁ ରକ୍ଷାପାଇବା ପାଇଁ ବ୍ୟାପକ ଭାବେ ବୃକ୍ଷ ରୋପଣ କରି ତାକୁ ବଡ଼ କରିବା ପାଇଁ ଆର୍ଯ୍ୟଭଟ୍ଟର ଏହି ବ୍ୟାପକ ସଚେତନତା କାର୍ଯ୍ୟକ୍ରମରେ ଅନୁରୋଧ କରାଯାଉଅଛି ।

# ଫିଚ ରେଟିଂ ୨୦୨୪-୨୫ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ ୦.୨% ବଢାଇ ୭.୨% କଲା

**ନୂଆଦିଲ୍ଲୀ**

୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୭.୨% ରହିବ ବୋଲି ଫିଚ ରେଟିଂସ ସଂସ୍ଥା ପୂର୍ବାନୁମାନ କରିଛି । ଫିଚ ରେଟିଂସ ଏଥିପୂର୍ବରୁ ମାର୍ଚ୍ଚ ୨୦୨୪ ରିପୋର୍ଟରେ ଭାରତର ଜିଡିପି ୭% ରହିବ ବୋଲି ଆକଳନ କରିଥିଲା । ତେବେ ବର୍ତ୍ତମାନ ଏହି ଜିଡିପି ଅଭିବୃଦ୍ଧି ଆକଳନକୁ ୦.୨ ପ୍ରତିଶତ ବୃଦ୍ଧି କରିଛି । ୧୮ ଜୁନ ୨୦୨୪ରେ ପ୍ରକାଶିତ ସଂସ୍ଥାର ସଦ୍ୟତମ ଗ୍ଲୋବାଲ ଇକୋନୋମିକ ଆଉଟଲୁକ (ଜିଇଓ) ରିପୋର୍ଟରେ ଦର୍ଶାଯାଇଛି ଯେ ଦୃଢ଼ ଘରୋଇ ଚାହିଦା ଯୋଗୁଁ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ବାସ୍ତବ ଜିଡିପି ୮.୨% ବୃଦ୍ଧି ପାଇଛି । ପୁଞ୍ଜିନିବେଶ ମଧ୍ୟ ୯.୦% ଏବଂ ଉପଭୋକ୍ତା ଖର୍ଚ୍ଚ ୪.୦% ବୃଦ୍ଧି ପାଇଛି ।




ଆର୍ଥିକ ବର୍ଷ ୨୦୪-୨୫ରେ ଭାରତୀୟ ଅର୍ଥବ୍ୟବସ୍ଥା ୭.୨%ର ଦୃଢ଼ ଅଭିବୃଦ୍ଧି ହାସଲ କରିବ ବୋଲି ଆମେ ଆକଳନ କରୁଛୁ । (ମାର୍ଚ୍ଚ ଜିଇଓ ତୁଳନାରେ ୦.୨ ପ୍ରତିଶତ ଅଧିକ ସୁଧାର ସହିତ), ରିପୋର୍ଟରେ କୁହାଯାଇଛି । ଉପଭୋକ୍ତାଙ୍କ ଆତ୍ମବିଶ୍ୱାସ ଅଧିକ ରହିଥିବାରୁ ଉପଭୋକ୍ତା ବ୍ୟୟରେ ସୁଧାର ଆସିବ ବୋଲି ଆଶା କରାଯାଉଛି । ଫିଚ ରେଟିଂର ସଦ୍ୟତମ ରିପୋର୍ଟରେ କୁହାଯାଇଛି ଯେ ଆଗକୁ ସ୍ୱାଭାବିକ ମୌସୁମୀ ଋତୁ ପ୍ରତ୍ୟାଶିତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଏବଂ ମୁଦ୍ରାସ୍ଫୀତିକୁ ସ୍ଥିର ରଖିବ । ତେବେ ସାମ୍ପ୍ରତିକ ଗ୍ରୀଷ୍ମ ପ୍ରବାହ ବିପଦ ସୃଷ୍ଟି କରିଛି ।

ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଉପଭୋକ୍ତା ମୂଲ୍ୟ ମୁଦ୍ରାସ୍ଫୀତି ବର୍ଷ ଆରମ୍ଭରୁ ହ୍ରାସ ପାଇଛି । ମେ ମାସରେ ବାର୍ଷିକ ମୁଦ୍ରାସ୍ଫୀତି ୪.୭% ରହିଛି, ଯାହାକି ୨୦୨୩ ଡିସେମ୍ବରରେ ୫.୭% ଥିଲା ମୁଖ୍ୟ ମୁଦ୍ରାସ୍ଫୀତି କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି ଏବଂ ଏହା ଡିସେମ୍ବରରେ ୩.୮% ଥିବା ବେଳେ ମେ ମାସରେ ଏହା ୩.୦%କୁ ଖସି ଆସିଛି । ତେବେ ଖାଦ୍ୟ ସାମଗ୍ରୀ ମୂଲ୍ୟ ମୁଦ୍ରାସ୍ଫୀତି ସର୍ବାଧିକ ରହିଛି, ଯାହାକି ବର୍ଷର ପ୍ରଥମ ପାଞ୍ଚ ମାସରେ ହାରାହାରି ୭.୮% ରହିଛି । ପୂର୍ବାନୁମାନ ଅନୁଯାୟୀ, ଜୁନରୁ ସେପ୍ଟେମ୍ବର ମଧ୍ୟରେ ବର୍ଷା ହାରାହାରି ଠାରୁ ଅଧିକ ରହିବ, ଯାହା ଖାଦ୍ୟ ଦର ବୃଦ୍ଧି ଉପରୁ ମୁଦ୍ରାସ୍ଫୀତି ବିପଦକୁ ହ୍ରାସ କରିବାରେ ସହାୟକ ହେବ । ହେଡ୍‌ଲାଇନ ଇନଫ୍ଲେସନ୍ ବା ଶୀର୍ଷକ ମୁଦ୍ରାସ୍ଫୀତି ହ୍ରାସ ଜାରି ରହିବ । ଏହା ବର୍ଷ ଶେଷ ସୁଦ୍ଧା ୪.୫% ରେ ପହଞ୍ଚିବ ଏବଂ ୨୦୨୫ ଓ ୨୦୨୬ରେ ହାରାହାରି ୪.୩% ରେ ପହଞ୍ଚିବ, ଯାହାକି ଏହାର ଲକ୍ଷ୍ୟ ସୀମାର ମଧ୍ୟଭାଗ (୪% +/- ୨%) ଠାରୁ ସାମାନ୍ୟ ଅଧିକ । ଯଦିଓ ନିବେଶ ଅଭିବୃଦ୍ଧି ଜାରି ରହିବ, ତଥାପି ଏହା ଧୀର ଗତିରେ ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

**ଭୁବନେଶ୍ୱର**
**୨୩ ଜୁନ୍**
**ରବିବାର, ୨୦୨୪**

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ଇସ୍କନ ମନ୍ଦିର ପରିସରରେ ଶ୍ରୀଜୀଉମାନଙ୍କ ମହାସ୍ନାନଯାତ୍ରା ସମ୍ପନ୍ନ। (ଫଟୋ : ସମ୍ବାଦ କଳିକା)

# ସୌରଶକ୍ତିରେ ଚାଲିବ ଡାକ୍ତରଖାନା : ପ୍ରଥମ ପର୍ଯ୍ୟାୟରେ ୧୫୦ ହସ୍ପିଟାଲ ସାମିଲ

**ଭୁବନେଶ୍ୱର, ୨୨/୦୬ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ସୌରଶକ୍ତିରେ ଚାଲିବ । ସୌରଶକ୍ତିରୁ ଉତ୍ପାଦିତ ବିଜୁଳିରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ କାର୍ଯ୍ୟ କରିବ । ତେବେ ପ୍ରଥମ ପର୍ଯ୍ୟାୟରେ ୧୫୦ଟି ହସ୍ପିଟାଲକୁ ଏଥିରେ ସାମିଲ କରାଯାଇଛି । ରାଜ୍ୟରେ ୧୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଓ ୫୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଲାଗିବ ସୌର ପ୍ୟାନେଲ। ଯାହାଫଳରେ ଆଉ ବିଜୁଳି ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସୌର ପ୍ୟାନେଲ ମଧ୍ୟରେ ବିଜୁଳି ଉତ୍ପାଦନ କରି ସ୍ୱାସ୍ଥ୍ୟକ୍ଷେତ୍ରରେ ଲାଗିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି । ଯାହା ଫଳରେ ଓରେଡାକୁ ତାଲିକା ଦେଇଛି ସ୍ୱାସ୍ଥ୍ୟ ବିଭାଗ । ଏନେଇ ଖୁବ୍‌ଶୀଘ୍ର ମଧ୍ୟ କାର୍ଯ୍ୟ ଆରମ୍ଭ କରାଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୫୦ ସ୍ୱାସ୍ଥ୍ୟକେନ୍ଦ୍ରର ତାଲିକା ଓରେଡାକୁ ପ୍ରଦାନ କରାଯାଇଛି । ତେବେ ତାଲିକାରେ ଥିବା ହସ୍ପିଟାଲ ଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାରେ ୪, ଗଜପତିରେ ୧୬, କନ୍ଧମାଳରେ ୨୫, କୋରାପୁଟରେ ୧୫, ମାଲକାନଗିରିରେ ୨୨, ମୟୂରଭଞ୍ଜରେ ଗୋଟିଏ, ନବରଙ୍ଗପୁର ଜିଲ୍ଲାରେ ୪୯, ନୂଆପଡ଼ାରେ ଗୋଟିଏ ଏବଂ ରାୟଗଡ଼ାରେ ୧୭ଟି ସ୍ୱାସ୍ଥ୍ୟକେନ୍ଦ୍ର ରହିଛି, ଯେଉଁଠାରେ ଲାଗିବ ସୌର ପ୍ୟାନେଲ। ଯାହାଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜୁଳିର ବ୍ୟବହାର କମିବା ସହ ସୌର ପ୍ୟାନେଲର ଚାହିଦା ବଢ଼ିବ । ସେହିପରି ଆଗକୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ସମେତ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସୌରଶକ୍ତି ଦ୍ୱାରା ପରିଚାଳିତ ହେବ । ଏପଟେ ଖୁବ୍‌ଶୀଘ୍ର ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) ପକ୍ଷରୁ କାମ ଆରମ୍ଭ ହେବ । ଆଗାମୀ ଦିନରେ ରାଜ୍ୟର ୪୦୫ଟି ପିଏଚ୍‌ସି ଓ ୧୩୩ଟି ସିଏଚ୍‌ସି ଗୁଡିକରେ ମଧ୍ୟ ସୌରଶକ୍ତି ଚାଲିବ ବୋଲି ଯୋଜନା କରାଯାଇଛି । ଅନେକ ସମସ୍ୟାରେ ହସ୍ପିଟାଲ ଗୁଡିକରେ ବିଜୁଳି ନଥିବା ନେଇ ଅନେକ ସମୟରେ ସମସ୍ୟା ରହିଥିଲା । ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରିବ । ପ୍ରକାଶ ଥାଉ କି ରାଜ୍ୟରେ ସୌରଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ବହୁ ପୂର୍ବରୁ ରାଜ୍ୟ ସରକାର ଯୋଜନା କରିଥିଲେ। ଯାହା ଫଳରେ ସୌରଶକ୍ତିରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଚାଲିବ । ଏପରିକି ବିଧାନସଭା ସମେତ ବଡ଼ ବଡ଼ ସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ସୌରଶକ୍ତିରେ ଚାଲିବା ନେଇ ଯୋଜନା ହୋଇଛି ।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା



**ନୂଆଦିଲ୍ଲୀ, ୨୨/୦୬**
ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଶନିବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ମୁର୍ମୁ କହିଥିଲେ ଯେ, ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ସହିତ ଆରମ୍ଭ ହୋଇଥିବା ନିରନ୍ତର ଆଲୋଚନା ଦୁଇ ଦେଶ ମଧ୍ୟରେ ବନ୍ଧୁତା ଏବଂ ସହଯୋଗର ଭାବନାକୁ ପ୍ରତିଫଳିତ କରେ। ରାଷ୍ଟ୍ରପତି କହିଥିଲେ ଯେ ଭାରତ ଏବଂ ବାଂଲାଦେଶ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଦ୍ରୁତ ଗତିରେ ସୁଦୃଢ଼ କରୁଛନ୍ତି ଏବଂ ନୂତନ କ୍ଷେତ୍ରରେ ପ୍ରବେଶ କରୁଛନ୍ତି। ଏହା ଦ୍ୱାରା ଭାରତ-ବାଂଲାଦେଶ ବନ୍ଧୁତାର ଏକ ନୂତନ ଭବିଷ୍ୟତ ଖୋଲିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ। ଅର୍ଥନୈତିକ ସମ୍ପର୍କ, ବିକାଶ ସହଭାଗିତା, ପ୍ରତିରକ୍ଷା ସହଯୋଗ, ଶକ୍ତି ନିରାପତ୍ତା ଏବଂ ଯୋଗାଯୋଗ ସମେତ ସମସ୍ତ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ପାଇଁ ଉଭୟ ନେତା ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ।

# ନିଗମରେ ନିଯୁକ୍ତି ପାଇଥିବା ଅଧ୍ୟକ୍ଷଙ୍କୁ ଦାୟିତ୍ୱରୁ ଅବ୍ୟାହତି

**ଭୁବନେଶ୍ୱର, ୨୨/୦୬**
**ନ୍ୟୁଜ ବ୍ୟୁରୋ**
ରାଜ୍ୟର ବିଭିନ୍ନ ସରକାରୀ ନିଗମରେ ପୂର୍ବ ସରକାରଙ୍କ ସମୟରେ ଅଧ୍ୟକ୍ଷ ମାନଙ୍କୁ ନିଯୁକ୍ତି ଦିଆ ଯାଇଥିଲା। ଏହି ଅଧ୍ୟକ୍ଷମାନଙ୍କ ଯୋଗୁଁ ନିଗମ ଗୁଡ଼ିକର ପରିଚାଳନାରେ କୌଣସି ଗୁଣାତ୍ମକ ଉନ୍ନତି ପରିଲକ୍ଷିତ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି। ଏ ସଂକ୍ରାନ୍ତରେ



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଏସଟି କ୍ଷେତ୍ରରେ ରିହାତି ଦେବା ଲାଗି ଜିଏସଟି ପରିଷଦ ବୈଠକରେ ଆଲୋଚନା

# ନକଲି ଚାଲାଣ ରୋକିବାକୁ ଲାଗୁ ହେବ ବାୟୋମେଟ୍ରିକ୍ ପ୍ରମାଣୀକରଣ ବ୍ୟବସ୍ଥା



**ନୂଆଦିଲ୍ଲୀ, ୨୨/୬**
ସମସ୍ତ ଇସ୍ପାତ, ଲୁହା ଓ ଆଲୁମିନିୟମ ତିଆରି ଦୁଗ୍ଧ କ୍ୟାନ୍ ଉପରେ ୧୨ ପ୍ରତିଶତ ସାମଗ୍ରୀ ଓ ସେବା କର – ଜିଏସଟି ଲାଗୁ କରିବାକୁ ଜିଏସଟି ପରିଷଦ ସୁପାରିଶ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ୫୩ତମ ଜିଏସଟି ପରିଷଦ ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତି ଯେ ପ୍ଲାଟଫର୍ମ ଟିକେଟ ବିକ୍ରି, ରିଟାୟରିଂ ରୁମ୍ ଏବଂ ୱେଟିଂ ରୁମ ସୁବିଧା ଏବଂ ବ୍ୟାଟେରୀ ଚାଳିତ କାର୍ ସେବା ସମେତ ସାଧାରଣ ଲୋକଙ୍କୁ ଭାରତୀୟ ରେଳବାଇ ପ୍ରଦାନ କରୁଥିବା ସେବା ଉପରେ କୌଣସି ଜିଏସଟି ଲାଗୁ ହେବ ନାହିଁ। ହିମାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀରର ସେଓ ଉତ୍ପାଦନକାରୀଙ୍କୁ ଫାଇଦା ଦେବା ପାଇଁ ପରିଷଦ ସମସ୍ତ ପ୍ରକାର କାର୍ଟୁନ ବକ୍ସ ଉପରେ ୧୨ ପ୍ରତିଶତ ସମାନ ଜିଏସଟି ହାର ସୁପାରିଶ କରିଛି। ନିର୍ମଳା ସୀତାରମଣ ଏହା ମଧ୍ୟ କହିଛନ୍ତି ଯେ ସର୍ବଭାରତୀୟ ଭିତ୍ତିରେ ବାୟୋମେଟ୍ରିକ୍ ଆଧାରିତ ଆଧାର ପ୍ରମାଣୀକରଣ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହା ଦ୍ୱାରା ନକଲି ଚାଲାଣ ଜରିଆରେ ହେଉଥିବା ଜାଲିଆତି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଦାବିର ମୁକାବିଲା କରିବାରେ ସରକାରଙ୍କୁ ସହାୟକ ହେବ। କ୍ଷୁଦ୍ର ଟିକସଦାତାଙ୍କୁ ସାହାଯ୍ୟ କରିବା ପାଇଁ ପରିଷଦ ଏପ୍ରିଲ ୩୦ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଫର୍ମ ଜିଏସଟିଆର-୪ରେ ବିବରଣୀ ଏବଂ ରିଟର୍ଣ୍ଣ ଦାଖଲ କରିବାର ସମୟ ସୀମା ବୃଦ୍ଧି କରିବାକୁ ସୁପାରିଶ କରିଛି।
କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଜିଏସଟି ପରିଷଦ ବୈଠକ ବସିଥିଲା। ବ୍ୟବସାୟୀମାନଙ୍କୁ ଜିଏସଟି କ୍ଷେତ୍ରରେ ରିହାତି ଦେବା ଲାଗି ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଜିଏସଟି ରିଟର୍ଣ୍ଣ ଫାଇଲିଂରେ ପରିବର୍ତ୍ତନ କିମ୍ବା ଯୋଗ ଲାଗି ଆସିଥିବା ପ୍ରସ୍ତାବ ସମ୍ପର୍କରେ ବିଚାର କରାଯାଇଛି। ବୈଠକରେ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀ ଯୋଗଦେଇଥିଲେ। ପ୍ରଥମ ଥର ଲାଗି ଜିଏସଟି ରେଜିଷ୍ଟ୍ରେସନ ଲାଗି ଆଧାର ବାୟୋମେଟ୍ରିକ ଅଥେନଟିକେସନ ବ୍ୟବସ୍ଥା ଲାଗୁ ହେବା ଲାଗି ପଦକ୍ଷେପ ନିଆଯିବା ସମ୍ଭାବନା ରହିଛି। ଏହା ସହ ଦେଶରେ ଅନଲାଇନ ଗେମିଂ ଶିଳ୍ପ ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ସାମଗ୍ରୀ ଓ ସେବା କର ବା ସିଜିଏସଟି ଆଇନ, ୨୦୧୭କୁ ସଂଶୋଧନ ଲାଗି ପ୍ରସ୍ତାବ ଅଣାଯିବା ସମ୍ଭାବନା ରହିଛି। ଯଦି ଏହି ପ୍ରସ୍ତାବ ଗୃହୀତ ହୁଏ ତେବେ ଇ-ଗେମିଂ, କାସିନୋ, ହର୍ଷ ରେସିଂ ଆଦି କ୍ଷେତ୍ରରେ ୨୮ ପ୍ରତିଶତ ଜିଏସଟି ଆଦାୟ କରାଯାଇ ନପାରେ। ସେହିପରି ଭାରତର ପ୍ରତିଯୋଗିତା କମିଶନ ବା ସିସିଆଇକୁ ଅଧିକ ଶକ୍ତିଶାଳୀ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇପାରେ। ଜିଏସଟି ଆପେଲେଟ ଟ୍ରିବ୍ୟୁନାଲ ବା ଜିଏସଟିଏଟି, ହାଇକୋର୍ଟ, ସୁପ୍ରିମକୋର୍ଟ ଦ୍ୱାରା ଗ୍ରହଣ କରାଯାଉଥିବା ମାମଲାଗୁଡିକରେ ଆର୍ଥିକ ସୀମା ନିର୍ଦ୍ଧାରଣ କରିବା ଲାଗି ମଧ୍ୟ ପରିଷଦରେ ଆଲୋଚନା କରାଯିବ। ଜିଏସଟିଏଟି ଲାଗି ସର୍ବାଧିକ ମନିଟାରୀ ଲିମିଟ ୨୦ ଲକ୍ଷ, ହାଇକୋର୍ଟଗୁଡିକ ଲାଗି ସର୍ବାଧିକ ୧ କୋଟି ଓ ସୁପ୍ରିମକୋର୍ଟ ଲାଗି ସର୍ବାଧିକ ୨ କୋଟି ଟଙ୍କାର ସୀମା ନିର୍ଦ୍ଧାରଣ ଲାଗି ଲ' କମିଟି ଯେଉଁ ପ୍ରସ୍ତାବ ଦେଇଥିଲା ସେ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ।

# ଶିକ୍ଷାନୁଷ୍ଠାନ ଗସ୍ତ କଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



**ଭୁବନେଶ୍ୱର, ୨୨/୦୬**
**ନ୍ୟୁଜ ବ୍ୟୁରୋ**
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଶିକ୍ଷାନୁଷ୍ଠାନ ଗସ୍ତ। ଶନିବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ଡଙ୍ଗରୀଗୁଡା ଏ.ସି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ମଧ୍ୟାହ୍ନ ଭୋଜନ ବିଷୟରେ ପଚାରି ବୁଝିଛନ୍ତି । ପିଲାଙ୍କ ପରୀକ୍ଷା ଫଳାଫଳକୁ ନେଇ ମଧ୍ୟ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ଯେପରି ପରୀକ୍ଷା ଫଳ ଅଧିକରୁ ଅଧିକ ଭଲ ହେବ ଓ ପିଲାଙ୍କ ଉପସ୍ଥାନ ବଢ଼ିବ ସେ ନେଇ ଦୃଷ୍ଟି ଦେବାକୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସ୍କୁଲ ପରିବେଶକୁ ସବୁଜ ସୁନ୍ଦର ରଖିବାକୁ ମଧ୍ୟ ଆଲୋଚନା କରିଥିଲେ ଶ୍ରୀ ଗଣ୍ଡ।

## ଆଇଏସ୍‌ଟିଇର ୫୩ତମ ବାର୍ଷିକ ଜାତୀୟ ସମ୍ମିଳନୀ

# ଅଚ୍ୟୁତ ସାମନ୍ତଙ୍କୁ ଆଇଏସ୍‌ଟିଇ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର,୨୨ ।୬ ନ୍ୟୁଜ ବ୍ୟୁରୋ**
କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି । କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଇଣ୍ଡିଆନ୍ ସୋସାଇଟି ଫର ଟେକ୍‌ନିକାଲ୍ ଏଜୁକେସନ୍ (ଆଇଏସଟିଇ)ର ୫୩ତମ ଜାତୀୟ ବାର୍ଷିକ ସମ୍ମିଳନୀରେ ଶନିବାର ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଆଇଏସଟିଇର କାର୍ଯ୍ୟକାରୀ ସମ୍ପାଦକ ଡ଼.ଏସ୍.ଏମ୍.ଅଲ୍ଲୀ ଏବଂ କୋଷାଧ୍ୟକ୍ଷ ପ୍ରଫେସର ଜି. ମାଲାସେଠୀଙ୍କ ଉପସ୍ଥିତିରେ ଆଇଏସଟିଇର ସଭାପତି ପ୍ରଫେସର ପ୍ରତାପ ସିଂ କାକାସାହେବ ଦେଶାଇ ଡ.ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ଡ. ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ. ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି । ଏହାଛଡ଼ା ସବୁଜ ପ୍ରୟାସ ନିମନ୍ତେ କିଟ୍‌କୁ ମଧ୍ୟ ଆଇଏସଟିଇ ଜାତୀୟ ଶ୍ରେଷ୍ଠ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷରେ ଶ୍ରେଷ୍ଠ ପ୍ରଶାସକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କୁ ଆଇଏସଟିଇ ଜାତୀୟ ଶ୍ରେଷ୍ଠ ପ୍ରଶାସକ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ଗ୍ରହଣ କରିବା ଅବସରରେ ଡ. ସାମନ୍ତ କହିଲେ, କୌଣସି ବ୍ୟକ୍ତି ନିଷ୍ଠାର ସହ କୌଣସି ଭଲକାମ କଲେ ତାଙ୍କୁ ଯଦି ଉତ୍ସାହିତ ଓ ପ୍ରଶଂସା କରାଯାଏ ତେବେ ସେହି ବ୍ୟକ୍ତିଙ୍କୁ ଭରପୂର ଆନନ୍ଦ ମିଳିଥାଏ । ଏହି ସମ୍ମାନ ଦିଆଯାଇଥିବାରୁ ଡ. ସାମନ୍ତ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଥିଲେ । କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଆଇଏସଟିଇର ଦୁଇଦିନିଆ ୫୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ଏହି ସମ୍ମିଳନୀର ବିଷୟବସ୍ତୁ 'ବିକଶିତ ଭାରତ ୨୦୪୭: ଉଚ୍ଚଶିକ୍ଷା ସହ ସମନ୍ୱୟ' ରଖାଯାଇଛି । ଏହି ସମ୍ମିଳନୀରେ ଦେଶର ବହୁ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାବିତ୍ ଯୋଗ ଦେଇଛନ୍ତି । ଏହି ସମ୍ମିଳନୀରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରାଯାଇ ସଂସ୍କାର ଅଣାଯାଇପାରିବ ଏବଂ ଉଚ୍ଚ ଶିକ୍ଷା ସହ ସମନ୍ୱୟ ରକ୍ଷା କରାଯାଇ କିପରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରାଯାଇପାରିବ ସେ ନେଇ ବ୍ୟାପକ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ଼. ପି.କେ. ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫ଜଣ ବିଶିଷ୍ଟ ବୈଷୟିକ ଶିକ୍ଷାବିତ୍ ଆଇଆଇଟି, ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଙ୍ଗନ୍ ବାନାର୍ଜୀ, ଅବସରପ୍ରାପ୍ତ ମେଜର ଜେନେରାଲ୍ ମହେଶ କୁମାର ହାଡ଼ା, ଏଆଇସିଟିଇ ପରାମର୍ଶଦାତା ପ୍ରଫେସର ରାଜେନ୍ଦ୍ର ବଳିରାମ କାକଡ଼େ, ବିଶ୍ୱେଶର ରାୟ ବୈଷୟିକ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ବାସବାରାଜ ଗାଡଗେ, ବିହାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବରିଷ୍ଠ ପରାମର୍ଶଦାତା ଡ. ଅନିଲ କୁମାରଙ୍କୁ ଆଇଏସଟିଇ ଫେଲୋସିପ୍ ପ୍ରଦାନ କରାଯାଇଥିଲା ।



# କାନ୍ଥ ପଡି ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ

**ସୋନପୁର, ୨୨/୬**
**ନ୍ୟୁଜ ବ୍ୟୁରୋ**
କାନ୍ଥ ପଡି ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ଘଟିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ସୋନପୁରରେ। ସୂଚନା ଅନୁସାରେ ଜଣେ ସ୍ଥାନୀୟ ଲୋକ ନିଜ ଘର ନିକଟରେ ବାଡ ଦେବାପାଇଁ ଶ୍ରମିକଙ୍କୁ ନେଇ ଗାତ ଖୋଳୁଥିଲେ। ନିକଟରେ ଥିବା ପୁରୁଣା କାନ୍ଥଟି ଢଳି ପଡି ଦୁଇଜଣ ଶ୍ରମିକ ପୋତି ହୋଇ ଯାଇଥିଲେ। ତୁରନ୍ତ ଦମକଳବାହିନୀ ଖବର ପାଇ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ଡାକ୍ତର ସେଠାରେ ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ୨ ମୃତକ ହେଲେ ବୀରମହାରାଜପୁର ବଡ଼ଖମାର ଗାଁର ଦୁର୍ଲଭା ମିର୍ଦ୍ଧା ଓ ମୁନୁ ମିର୍ଦ୍ଧା। ଖବର ପାଇ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳ ପହଞ୍ଚି ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।

# ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ସଂପଦର ସୁରକ୍ଷା ନିତ୍ୟାନ୍ତ ଦରକାର



**ବାଙ୍କୀ, ୨୨/୦୬ ନ୍ୟୁଜ ବ୍ୟୁରୋ**
ବାଙ୍କୀ ଅଞ୍ଚଳରେ ଥିବା ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଓ ନିକଟସ୍ଥ ଗ୍ରାମ୍ୟ ମାନଙ୍କରେ ବହୁ ପୂର୍ବରୁ ମୂଲ୍ୟବାନ ଗଛ ସହିତ ବନ୍ୟପ୍ରାଣୀ ଦେଖାଯାଉଥିଲେ । ଏବେ ପ୍ରକୃତିର ଏହି ଅମୂଲ୍ୟ ଜଙ୍ଗଲ ସଂପଦ ଧ୍ୱଂସାବଶେଷରେ ପରିଣତ ହୋଇଛି। ଏହି ଅଭୟାରଣ୍ୟ ୪ଗୋଟି ଜୋନ୍‌ରେ ଯଥା ଚନ୍ଦକା, ଡମପଡ଼ା, ହଳଦିଆ ଓ ମାନସିଂହ ପାଟଣା ରେଞ୍ଜ ରହିଛି ଏବଂ ଏହାର ଆୟତନ ୧୯୩.୩୯ ବର୍ଗ କି.ମି. ଅଟେ । ଏଥି ସହିତ ନିକଟସ୍ଥ ଗ୍ରାମ ଗୁଡ଼ିକରେ ଗ୍ରାମ୍ୟ ଜଙ୍ଗଲ ଓ ଛୋଟ ଜଙ୍ଗଲ ରହିଥିଲା । ବହୁ ପୂର୍ବରୁ ଏହି ସବୁ ଜଙ୍ଗଲରେ ଶାଗୁଆନ୍, ଶାଳ, କୁରୁମ, ଅସନ, ଶିଶୁ, ବେତ, ବାଉଁଶ, ଗମ୍ଭାରୀ, ଜାମୁ, କୋଚିଲା ଆଦି ବହୁ ମୂଲ୍ୟବାନ ଗଛ ରହିଥିଲା ତାହା ଏବେ ଦେଖିବାକୁ ମିଳୁନାହିଁ । ବିଶେଷ କରି ଏ ଅଞ୍ଚଳରେ ବହୁ ପରିମାଣରେ ଆମ୍ବ, ପଣସ ଆଦି ଫଳଗଛ ମଧ୍ୟ ରହିଥିଲା । ଜଙ୍ଗଲ ମଧ୍ୟରେ ବିଭିନ୍ନ ପ୍ରକାର କୋଳି, ଖଜୁରି, ବେଲ ଆଦି ସ୍ୱାଦିଷ୍ଟ କିସମର ଫଳ ଭରପୁର ଥିଲା। ଏତଦ୍‌ବ୍ୟତୀତ ଜଙ୍ଗଲରେ ବାଘ, ଭାଲୁ, ହରିଣ, ଗଧିଆ, କୁଟୁରା, ଠେକୁଆ, ଝିଙ୍କ, ଗାଡଭାଲୁ, ଶାଳିଆପତନି ଓ ବିଭିନ୍ନ ପ୍ରକାରର ସାପ ଏବଂ ପକ୍ଷୀ ବାସ କରୁଥିଲେ । ଜଙ୍ଗଲ ସଂପଦ ଧ୍ୱଂସ ହେବା ଫଳରେ ଏସବୁ ବୃକ୍ଷଲତା ଓ ପଶୁପକ୍ଷୀ ଆଉ ଦେଖିବାକୁ ମିଳୁନାହିଁ । ଏହି ଅଭୟାରଣ୍ୟରେ ୬୦ଗୋଟି ହାତୀ ରହିବାର ବ୍ୟବସ୍ଥା ଥିଲେ ମଧ୍ୟ ଖାଦ୍ୟ ଅଭାବରୁ ଏଠାକାର ହାତୀ ପଲ୍ଲ ନିକଟସ୍ଥ ଗ୍ରାମ ଓ ସହରମାନଙ୍କୁ ଯିବା ଆସିବା ଫଳରେ ବହୁ ଧନସଂପତ୍ତି ନଷ୍ଟ ହେବାରେ ଲାଗିଛି। ଏହି ଅଭୟାରଣ୍ୟ ଭିତରେ ୫ଗୋଟି ପଡାଗ୍ରାମ ଯଥା ଢ଼ୋଲକାଠ, ନୂଆକୂଅ, ପିଠାଖିଆ, ଡାଆଣୀଗାଡିଆ ଓ ବେହେଣ୍ଟା ସାହି ରହିଛି । ଏହା ଫଳରେ ସେଠାରେ ରହୁଥିବା ଆଦିବାସୀଙ୍କ ଚଳପ୍ରଚଳ ଯଥା ଶିକାରୀମାନଙ୍କ ପ୍ରାର୍ଦୁଭାବ ଫଳରେ ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ ଲୋପ ପାଇବାକୁ ବସିଲାଣି । ପରିବେଶର ସନ୍ତୁଳନ ପାଇଁ ବନ୍ୟଜନ୍ତୁ ଓ ବୃକ୍ଷଲତାଙ୍କର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର, ବନବିଭାଗ ଓ ନିକଟସ୍ଥ ଗ୍ରାମାବାସୀମାନେ ମିଳିତ ସହଭାଗିତାରେ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମାନବ ସମାଜର ସୁସ୍ଥ ଜୀବନଯାପନ ପାଇଁ ପ୍ରକୃତି ଓ ପ୍ରାକୃତିକ ସଂପଦର ମୂଲ୍ୟ ଅଧିକ ଅଟେ । ଏବେ ଏହି ଜଙ୍ଗଲରେ କିଛି ପରିମାଣରେ ଭାଲୁ, ବାରହା, କୁଟୁରା, ଠେକୁଆ, ମୟୂର, ଗଧିଆ , ଝିଙ୍କ, ବିଲୁଆ କାଁ ଭାଁ ଦେଖିବାକୁ ମିଳୁଛି । ଏ ଦିଗରେ ସରକାରଙ୍କ ସହିତ ସ୍ଥାନୀୟ ଜନସାଧାରଣ ଉଦ୍ୟମ କଲେ ଜଙ୍ଗଲ ସଂପଦ ସୁରକ୍ଷା ହୋଇ ପାରିବ ବୋଲି ସାଧାରଣରେ ଅନୁରୋଧ କରାଯାଇଛି।

DADLS-12




**ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ**
**ରାଜ୍ୟସ୍ତରୀୟ ବଳିଦାନ ଦିବସ**
**୨୩ ଜୁନ ୨୦୨୪**

**ସକାଳ ୮ ଘଟିକା : ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ଭୁବନେଶ୍ୱରସ୍ଥିତ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।**

**ପୂର୍ବାହ୍ନ ୧୧ ଘଟିକା | ସାଧାରଣ ସଭା | ଜୟଦେବ ଭବନ**

**ମୁଖ୍ୟ ଅତିଥି :**
**ଶ୍ରୀମତୀ ସୁରମା ପାଢ଼ୀ**
ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

**ସମ୍ମାନନୀୟ ଅତିଥି :**
**ଡ. ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି

**ମୁଖ୍ୟବକ୍ତା :**
**ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ**
ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0035/2425